ସରକାରୀ ଆବାସ ଗୃହ ସାତସପନ

# ଜଙ୍ଗଲ ରାସ୍ତା କଡ଼ରେ ଜରିପାଲ ତଳେ ବିତୁଛି ବୃଦ୍ଧାଙ୍କ ଜୀବନ



ବାରିପଦା, ୧୯ ।୨(ସମିସ): ସରକାରୀ ଯୋଜନାରୁ ବଞ୍ଚିତ ୭୫ ବର୍ଷୀୟ ବୃଦ୍ଧା। ଜଙ୍ଗଲ ରାସ୍ତା କଡ଼ ଜରିପାଲ ତଳେ ବିତୁଛି ବୃଦ୍ଧାଙ୍କ ଜୀବନ। ଏଭଳି ଘଟଣା ମୟୂରଭଞ୍ଜ ଜିଲ୍ଲା ଶାମାଖୁଣ୍ଟା ବ୍ଲକ କୁଚିଳାଘାଟି ପଞ୍ଚାୟତର ଲକ୍ଷ୍ମୀପୋଷୀ ଅଞ୍ଚଳର ଦେଖିବାକୁ ମିଳିଛି। ଶିମିଳିପାଳ ଅଭୟାରଣ୍ୟର ପିଠାବଟା ପ୍ରବେଶ ପଥଠାରୁ ମାତ୍ର କିଛି ଦୂର ରାସ୍ତା କଡ଼ରେ ଏକ ଅତି କଦର୍ଯ୍ୟ ଭାବେ ପଲିଥିନ କୁଡ଼ିଆରେ ଦୀର୍ଘଦିନ ହେବ ଜୀବନ କାଟୁଛନ୍ତି ୭୫ ବର୍ଷୀୟା ବୃଦ୍ଧା ରଇବାରୀ ବିନ୍ଧାଣୀ। ଜଙ୍ଗଲୀ ଜନ୍ତୁଙ୍କ ଭୟ ଓ ବିଷାକ୍ତ ସରୀସୃପଙ୍କ ମେଳରେ ଏହି ବୃଦ୍ଧା ଜଣକ ଯେଉଁଭଳି ଭାବେ ବଞ୍ଚିଛନ୍ତି, ତାହା ସ୍ଥାନୀୟ ଲୋକଙ୍କୁ ଚକିତ କରିବା ସହ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରଇବାରୀ ବିନ୍ଧାଣିଙ୍କ ଘର ବାଲିଡିହା ପଞ୍ଚାୟତର ଦୋନାମାରା ଗ୍ରାମରେ। ସ୍ୱାମୀଙ୍କ ମୃତ୍ୟୁ ପରେ ସେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଥିଲେ। କୌଣସି କାରଣବଶତଃ ସେ ନିଜ ଝିଅଁଙ୍କ ଘରୁ ଚାଲି ଆସି ଶିମିଳିପାଳ ଜଙ୍ଗଲ ରାସ୍ତା କଡ଼ରେ ଥିବା ଏକ ପଲିଥିନ ଘରେ ଆଶ୍ରୟ ନେଇଥିଲେ। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ନା ତାଙ୍କ ମୁଣ୍ଡ ଉପରେ ପକ୍କା ଛାତ ପଡ଼ିଛି, ନା ତାଙ୍କୁ ସୁରକ୍ଷିତ ବାସସ୍ଥାନ ମିଳିଛି। ସରକାରୀ ଯୋଜନା କେବଳ କାଗଜରେ। ଆଶ୍ଚର୍ଯ୍ୟର କଥା ଯେ, ରଇବାରୀଙ୍କ ଝିଅଁ ଦୈତାରୀଙ୍କ ନାମରେ ୨୦୨୨ରୁ ଏକ ସରକାରୀ ଆବାସ ଯୋଜନାରେ ଗୃହ ମଞ୍ଜୁର ହୋଇସାରିଛି। କିନ୍ତୁ ବିଡ଼ମ୍ବନାର ବିଷୟ, ୨ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ଘର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ସେହିପରି ରଇବାରୀଙ୍କୁ ମାସିକ ୧୦୦୦ ଟଙ୍କା ଭତ୍ତା ଓ ୫ କେଜି ଚାଉଳ ମିଳୁଥିବା ପ୍ରକାଶ କରିଛନ୍ତି। ହେଲେ ଏହି ପରିଣତ ବୟସରେ ତାଙ୍କୁ ଏକାନ୍ତ ଘରଖଣ୍ଡେ ଦରକାର ବୋଲି କହିଛନ୍ତି। ସେହିପରି ଝିଅ ରଜନୀ ଓ ଝିଅଁ ଦୈତାରୀଙ୍କର ମଧ୍ୟ ଘର ନ ଥିବା କାରଣରୁ ସେହି ପାଖରେ କଚ୍ଚାଘର କରି ରହୁଛନ୍ତି। ଜଙ୍ଗଲ କଡ଼ରେ ଏକାକୀ ରହୁଥିବା ହେତୁ ଭୟ ଲାଗିଲେ ସୁଦ୍ଧା ଅନ୍ୟ ଉପାୟ କିଛି ନାହିଁ ବୋଲି ପ୍ରକାଶ କରିଛନ୍ତି ଝିଅ ଓ ଝିଅଁ। ସରକାରଙ୍କ ସୁଭଦ୍ରା ଯୋଜନାରେ ୨ କିସ୍ତି ଟଙ୍କା ମିଳିଛି, ରାସନ ମଧ୍ୟ ମିଳୁଛି। ବୃଦ୍ଧା ମା'ଙ୍କ ସହ ଆମକୁ ମଧ୍ୟ ଜାଗା ଓ ଘର ଦିଆଯାଉ ବୋଲି ଉଭୟେ ନିବେଦନ କରିଛନ୍ତି। ଏ ଘଟଣା ସମ୍ପର୍କରେ ବାରିପଦା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା କହିଛନ୍ତି, ଶାମାଖୁଣ୍ଟା ବିଡିଓ, ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଖୁବଶୀଘ୍ର ତଦନ୍ତ ରିପୋର୍ଟ ଆସିଯିବ। ଏକମାସ ମଧ୍ୟରେ ସମସ୍ତ ପ୍ରକ୍ରିୟା ସମାପ୍ତ କରାଯିବ। ବସୁନ୍ଧରା ଯୋଜନାରେ ଜାଗା ସହ ଆବାସ ଯୋଜନାରେ ତାଙ୍କୁ ଶୀଘ୍ର ଯୋଗାଇଦିଆଯିବ। ଜଙ୍ଗଲ କଡରେ ରହୁଥିବା କାରଣରୁ ଜଙ୍ଗଲୀ ଜୀବ ଜନ୍ତୁଙ୍କ ଆକ୍ରମଣ ଭୟ ରହିଛି। ତେଣୁ ସାଧାରଣ ଜନତା ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ଯେ, ମାନବିକତା ଦୃଷ୍ଟିକୋଣରୁ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ରଇବାରୀଙ୍କୁ ଏକ ନିରାପଦ ସ୍ଥାନରେ ଜାଗା ଓ ପକ୍କା ଘର ଯୋଗାଇ ଦିଅନ୍ତୁ। ତେବେ ଅସହାୟ ରଇବାରୀ ଙ୍କୁ ସରକାରଙ୍କ ଯୋଜନାରେ ଜାଗା ଓ ଘର ଖଣ୍ଡେ କେବେ ମିଳୁଛି ତାକୁ ହିଁ ଅପେକ୍ଷା।

## ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ମୟୂରଭଞ୍ଜ ଶାଖା ବୈଠକ

ବାରିପଦା, ୧୯ ।୨(ସମିସ): ସ୍ଥାନୀୟ ମୁର୍ଗାବାଡିଠାରେ ଓଡ଼ିଶା ଦୁର୍ନୀତି ସଂଘର୍ଷ ମଞ୍ଚ ମୟୂରଭଞ୍ଜ ଶାଖାର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମଞ୍ଚ ଉପାଧ୍ୟକ୍ଷ ଅଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୟୂରଭଞ୍ଜ ଶାଖାର ସଦସ୍ୟ ଉପସ୍ଥିତ ରହି ଦୁର୍ନୀତି ମୁକ୍ତ ସମାଜ ଗଠନ ପାଇଁ ଜନସଚେତନତା ଉପରେ ଆଲୋକପାତ କରିଥିଲେ। ଗତବର୍ଷମାନଙ୍କରେ ଜିଲ୍ଲାପାଳ, ଆରକ୍ଷୀ ଅଧୀକ୍ଷକ, ଜିଲ୍ଲା ଓ ବ୍ଲକସ୍ତରୀୟ ପଦାଧିକାରୀଙ୍କୁ ଭେଟି ସଂଗଠନ ସାଧାରଣ ଲୋକଙ୍କ ଅନେକ ସମସ୍ୟାର ସମାଧାନ ଦିଗରେ ସହାୟକ ହୋଇପାରିଛି ବୋଲି କର୍ମକର୍ତ୍ତା ପ୍ରକାଶ କରିଥିଲେ। ଆଗାମୀ ଦିନରେ ସଂଘର ଆଭିମୁଖ୍ୟକୁ ସଫଳ କରିବା ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ମୁକ୍ତେଶ୍ୱର ଜୀଉ ସଭାପତି, ବିଭୂତି ଭୂଷଣ ସଦୁଆଳ କାର୍ଯ୍ୟକାରୀ ସଭାପତି, ଆଲୋକ କୁମାର ରଣା, ହରିନାରାୟଣ ମିଶ୍ର ଓ ଦିଲ୍ଲୀପ କୁମାର ଦାସ ଉପସଭାପତି, ସୁନୀଲ କୁମାର ହୋତା ସମ୍ପାଦକ, ରାଧାଗୋବିନ୍ଦ ବେହେରା କୋଷାଧ୍ୟକ୍ଷ, ଉପଦେଷ୍ଟା ଭାବେ ସଞ୍ଜୟ କୁମାର ଷଡ଼ଙ୍ଗୀ, ଦିଲ୍ଲୀପ କୁମାର ପଣ୍ଡା, ଭାନୁପ୍ରତାପ ଭଞ୍ଜଦେଓ, ଉଦୟନାଥ ଦେ, ମହିଳା ମଞ୍ଚ ସଂଯୋଜିକା ଭାବେ ରଞ୍ଜିତା ବେହେରାଙ୍କୁ ଚୟନ କରାଯାଇଥିଲା। ଆଗାମୀ ଦିନରେ ସାଧାରଣ ଜନତାଙ୍କ ସମସ୍ୟାର ସମାଧାନ ସହ ଏକ ଦୁର୍ନୀତି ମୁକ୍ତ ସମାଜ ଗଠନରେ ସମସ୍ତ କର୍ମକର୍ତ୍ତା ସଙ୍ଘବଦ୍ଧ ଭାବେ କାର୍ଯ୍ୟ କରିବେ ବୋଲି ଶପଥ ପାଠ କରିଥିଲେ। ଶେଷରେ ସଭାପତି ଶ୍ରୀ ଜୀଉ ସଙ୍ଘର ଉଦ୍ଦେଶ୍ୟ ପୂରଣ ଦିଗରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

## ଜାତୀୟ ପାରା ଚାମ୍ପିଅନସିପ୍ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା



କରଞ୍ଜିଆ, ୧୯ ।୨(ସମିସ): ଗୁଜୁରାଟର ଅହମ୍ମଦାବାଦରେ ଅନୁଷ୍ଠିତ ଜାତୀୟ ଜାତୀୟ ପାରା ବୋସିଆ ଚାମ୍ପିୟନସିପର ମିକ୍ସଡ ବିସିରେ ରୌପ୍ୟ ପଦକ ଜିତିଥିବା କରଞ୍ଜିଆ ବ୍ଲକ ପାଟବିଲ ପଞ୍ଚାୟତ କେନ୍ଦୁମୁଣ୍ଡି ଗ୍ରାମର ହେମନ୍ତ କୁମାର ସେଠୀଙ୍କୁ ଆଜି କରଞ୍ଜିଆ ବ୍ଲକ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ସରପଞ୍ଚ ଗମ୍ହା ସିଂଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କରଞ୍ଜିଆ ବ୍ଲକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି, ଏବିଡିଓ ଦଳେଇ ସିଂ, ପାଟବିଲ ସରପଞ୍ଚ ସୌଦାମିନୀ ନାଏକ, ଚିତ୍ରପୋଷି ସରପଞ୍ଚ ଗୀତାଞ୍ଜଳି ନାଏକ, ବଳା ସରପଞ୍ଚ ସ୍ମିତା ନାଏକ, କୋମଳଲୋଚନ ସାହୁ, ପଙ୍କଜ ମହାନ୍ତ, ସମାଜସେବୀ ବୃଷକେତୁ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଆନ୍ତର୍ଜାତିକ ସ୍ତରର ପ୍ରତିଯୋଗିତାରେ ସଫଳତା ପାଇଁ ହେମନ୍ତଙ୍କୁ ସମସ୍ତ ସହଯୋଗ ଦେବାକୁ ଉପସ୍ଥିତ ଅଧ୍ୟକ୍ଷା, ସରପଞ୍ଚ ଓ ଏବିଡ଼ିଓ ପ୍ରତିଶ୍ରୁତି ଦେଇଛନ୍ତି।

## ଆନ୍ତଃକଲେଜ ଚେସ୍‌ରେ ଏମପିସିର ସଫଳତା

ବାରିପଦା, ୧୯ ।୨(ସମିସ): ଏମପିସି ସ୍ୱୟଂଶାସିତ କଲେଜର କ୍ରୀଡ଼ା ଶିକ୍ଷକ ସତ୍ୟନାରାୟଣ ବାରିକଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ପୁରୁଷ ଓ ମହିଳା ବିଭାଗ ଚଳିତ ଶିକ୍ଷାବର୍ଷ ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଚେସ୍ ଖେଳରେ ଭାଗ ନେଇଥିଲେ। ଏହା ପିଜି କାଉନସିଲ ପକ୍ଷରୁ ଆୟୋଜିତ ହୋଇଥିଲା। ଏହି ଆନ୍ତଃ ଚେସ୍ ପ୍ରତିଯୋଗିତାରେ ଏମ୍‌ପିସି ସ୍ୱୟଂଶାସିତ କଲେଜର ମହିଳା ଦଳ ଚାମ୍ପିଅନ୍ ହୋଇଥିବାବେଳେ ପୁରୁଷ ଦଳ ରନର୍ସଅପ୍ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା କ୍ରୀଡ଼ାରେ ଭାଗ ନେଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ କ୍ରୀଡ଼ା ଶିକ୍ଷକ ଶ୍ରୀ ବେହେରାଙ୍କୁ ସାଧୁବାଦ ଜଣାଇଛନ୍ତି।

## ଓଡ଼ିଶା ପାଠ୍ୟକ୍ରମ ରୂପରେଖ କର୍ମଶାଳା ଉଦ୍‌ଯାପିତ



ଖୁଣ୍ଟି, ୧୯ ।୨(ସମିସ): ଶୁକୁଳି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ କୁମ୍ଭୀର୍ଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ପାଞ୍ଚଦିନିଆ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ଓ ନୂତନ ପାଠ୍ୟପୁସ୍ତକ ପ୍ରଣୟନ ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର 'ପ୍ରବୋଧନ' ଉଦଯାପିତ ହୋଇଯାଇଛି। ଏହି କର୍ମଶାଳାକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁଭେନ୍ଦୁ କୁମାର ମାଝୀ ଓ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ନୟନତାରା ମହାନ୍ତ ଉଦଘାଟନ କରିଥିଲେ। ୨୦୨୬-୨୭ ଶିକ୍ଷା ବର୍ଷରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୫୫ଟି ପୁସ୍ତକ ପ୍ରଣୟନ ହେବାକୁ ଯାଉଛି। ଏହି ପାଞ୍ଚଦିନ ମଧ୍ୟରେ ଶିକ୍ଷାର୍ଥୀ ପଞ୍ଚ ପଦ୍ଧତିର ସୋପାନ ଅଦିତି, ବୋଧ, ଅଭ୍ୟାସ, ପ୍ରୟୋଗ ଓ ପ୍ରସାର ସହିତ ପଞ୍ଚକୋଷ ଅର୍ଥାତ୍ ଅନ୍ନମୟ, ପ୍ରାଣମୟ, ମନମୟ, ବିଜ୍ଞାନମୟ ଓ ଆନନ୍ଦମୟ କୋଷ ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହିତ ନୂତନ ଜାତୀୟ ଶିକ୍ଷାନୀତି -୨୦୨୦, ଓଡ଼ିଶା ପାଠ୍ୟକ୍ରମ ରୂପରେଖ -୨୦୨୫ ପ୍ରସ୍ତୁତି, ଭାରତୀୟ ଜ୍ଞାନ ପରମ୍ପରା, ଦକ୍ଷତା ଭିତ୍ତିକ ଶିକ୍ଷଣ, ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ଗୁରୁତ୍ୱ, ବିଭିନ୍ନ ବିଷୟ ଭିତ୍ତିକ ଭାଷା ଓଡ଼ିଆ, ଇଂରାଜୀ, ହିନ୍ଦୀ, ସଂସ୍କୃତ ଓ ଉର୍ଦ୍ଦୁରେ ପଢ଼ାଇବାର କୌଶଳ, ବୃତ୍ତିଗତ ଶିକ୍ଷା, ଶାରୀରିକ ଶିକ୍ଷା ଓ ସ୍ୱଚ୍ଛତା ବିଷୟରେ ଶିକ୍ଷା ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ସୁଶାନ୍ତ କୁମାର ସିଂ ଶିବିର ପରିଦର୍ଶନ ଅବସରରେ ଏହି ତାଲିମର ବିଦ୍ୟାଳୟ କ୍ଷେତ୍ରରେ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି କର୍ମଶାଳାରେ ବିଭିନ୍ନ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟରୁ ୯୫ ଜଣ ଶିକ୍ଷକଶିକ୍ଷୟିତ୍ରୀ ତାଲିମ୍ ନେଇଥିଲେ। ଶେଷ ଦିବସରେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

## ବନମାଳୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାରିପଦା, ୧୯ ।୨(ସମିସ): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୯ନଂ ୱାର୍ଡସ୍ଥ ବନମାଳୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଦେବସ୍ୱିନୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତପସ୍ୱିନୀ ଦାଶ ଓ ବ୍ରଜମୋହନ ମୁର୍ମୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାନନମୟୀ ମହାନ୍ତି ଓ କମଳ ଲୋଚନ ମହାକୁଡ଼, ପୂର୍ଣ୍ଣଚନ୍ଦ୍ରପୁର ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ସୌମ୍ୟ ଦାଶ, ନୂଆସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ଦେ, ବରିଷ୍ଠ ଶିକ୍ଷକ ସୋମନାଥ ସିଂହ, ଏସଏମସି ଚେୟାରମ୍ୟାନ କନକଲତା ମହାରଣା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଖେଳକୁଦ, ନୃତ୍ୟଗୀତ, ଚିତ୍ରାଙ୍କନ ଆଦିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ସମେତ ଶ୍ରେଣୀରେ ୧ମ ସ୍ଥାନ ଅଧିକାର କରିଥିବା ଆଦ୍ୟାଶା ମହାନ୍ତି (୫ମ), କ୍ରିଷବ ପାତ୍ର (୪ର୍ଥ), ଭୂମିକା ପାତ୍ର (୩ୟ) ଓ ଭୂମିକା ଚୌଧୁରୀ (୨ୟ) ଏବଂ ନିୟମିତ ଉପସ୍ଥାନ ପାଇଁ ଆଦିତ୍ୟ ପାତ୍ର (୫ମ), କ୍ରିଷବ ପାତ୍ର (୪ର୍ଥ), ଶାବାନା ଖାତୁନ (୩ୟ), ପ୍ରତ୍ୟୁଷ ନାଏକ (୨ୟ), ଅନୁଷ ପାତ୍ର (୧ମ) ମଞ୍ଜୀତ ବେହେରା (ଶିଶୁ ବାଟିକା), ପରିଷ୍କାର ପରିଚ୍ଛନ୍ନତା ପାଇଁ ପିୟୁଷ ପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ଶିକ୍ଷାବର୍ଷର ଶ୍ରେଷ୍ଠ ଛାତ୍ର ଭାବେ ସାହିଲ ମଙ୍ଗରାଜ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ଶିକ୍ଷୟିତ୍ରୀ କବିତା ବେହେରା, ପରିଚାଳନା କମିଟିର ସଦସ୍ୟା ସସ୍ମିତା ମହାନ୍ତି, ହସିନା ଖାତୁନ ଓ ନିବୃତି ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୁଶାନ୍ତ ବେହେରାଙ୍କ ନିର୍ଦ୍ଦେଶନାରେ କୁନିକୁନି ଛାତ୍ରଛାତ୍ରୀ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



## ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ନିମନ୍ତେ କଳସ ଶୋଭାଯାତ୍ରା

କରଞ୍ଜିଆ, ୧୯ ।୨(ସମିସ): କରଞ୍ଜିଆ ସହରର ୱାର୍ଡ ନମ୍ବର ୯ସ୍ଥ ନବନିର୍ମିତ ଶ୍ରୀମଦ ଭାଗବତ ଗାଦିବ୍ରହ୍ମ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ତିନିଦିନ ଧରି ପାଳନ ହେବ। ଆଜି ଏଥିନିମନ୍ତେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଦେଓ ନଦୀରୁ କଳସ ଉତ୍ତୋଳନ ପରେ ବିଧିବଦ୍ଧ ପୂଜା ପରେ ଏକ ଭବ୍ୟ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଶହ ଶହ ସଂଖ୍ୟକ ମହିଳା ଓ ଯୁବତୀ କଳସ ଧରି ସହର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା ଉପସ୍ଥିତ ଥିଲେ। କର୍ତ୍ତା ଭାବେ ଚିରଞ୍ଜିବି ଜେନା ଓ ତାଙ୍କ ସହଧର୍ମିଣୀ ଦାୟିତ୍ୱ ନିର୍ବାହ କରୁଥିବାବେଳେ କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳର ପୂଜକ ପଣ୍ଡିତ ସୁନୀଲ ମିଶ୍ର ଓ ତାଙ୍କ ସହଯୋଗୀ ପୂଜାକାର୍ଯ୍ୟ ନିର୍ବାହ କରୁଛନ୍ତି। ଶ୍ରୀମଦ ଭାଗବତ ଗାଦିବ୍ରହ୍ମ ରାଧାକୃଷ୍ଣ ମନ୍ଦିର କମିଟି ସଭାପତି ରଣଜିତ ଜେନା, ସମ୍ପାଦକ ବିଜୟ ଜେନା, ହରିମୋହନ ଜେନା, ବିଦ୍ୟାଧର ଜେନା, ମନ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ସତ୍ୟାନନ୍ଦ ଜେନା, କୁଳମଣି ଦାଶ, ସାଗର ଜେନା, ବିବେକାନନ୍ଦ ଜେନା, ଗଙ୍ଗାଧର ଦାଶ, ଚିତ୍ତରଞ୍ଜନ ଜେନା, ରତ୍ନାକର ଦାଶ, ଅକ୍ଷୟ ଜେନା, ପ୍ରକାଶ ଜେନା ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ, ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

## ବ୍ରହ୍ମ ମନ୍ଦିର ପରିଚାଳନା କମିଟି ବୈଠକ



ବାରିପଦା, ୧୯ ।୨(ସମିସ): ଲାଲବଜାରସ୍ଥ ବ୍ରହ୍ମ ମନ୍ଦିର ପରିସରରେ ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଡଃ ବିଜୟ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଟ୍ରଷ୍ଟି ରଞ୍ଜନ ବାନାର୍ଜୀ, ଚନ୍ଦନ ବାନାର୍ଜୀ ଓ ସୁନନ୍ଦନ ଭଞ୍ଜଦେଓ ତଥା ସଦସ୍ୟ ଉପସ୍ଥିତ ରହି ଗତବର୍ଷ ଡିସେମ୍ବର ମାସରେ ସଫଳତାର ସହ ମନ୍ଦିରର ଶତବାର୍ଷିକୀ ପାଳନ, ଆୟବ୍ୟୟ ଅଟକଳ ଉପରେ ଆଲୋଚନା ହୋଇଥିଲା। ଏ ଅବସରରେ ମନ୍ଦିର ପରିସରରେ ଡଃ ବିଜୟ କୁମାର ଅଗ୍ରୱାଲା ଏକ ଲାଇବ୍ରେରୀର ଉଦଘାଟନ କରିବା ସହ ଶିମିଳିପାଳ ଉପରେ ଏକ ପୁସ୍ତକ ଦାନ କରିଥିଲେ। ୨୦୨୮ ରେ ବ୍ରହ୍ମ ସମାଜର ୨ ଶହ ବର୍ଷ ପୂର୍ତ୍ତି ପାଳନ ପୂର୍ବରୁ ଏକ ନୂତନ ପରିଚାଳନା କମିଟି ସର୍ବସମ୍ମତି କ୍ରମେ ଗଠନ କରାଯାଇଥିଲା। ସଭାପତି ଭାବେ ରଞ୍ଜନ ବାନାର୍ଜୀ, କାର୍ଯ୍ୟକାରୀ ସଭାପତି କୃଷ୍ଣଓନନ୍ଦ ମହାନ୍ତି, ଉପସଭାପତି ପୂର୍ଣ୍ଣେନ୍ଦୁ ଦାସ, ସମ୍ପାଦକ ସୁନନ୍ଦନ ଭଞ୍ଜଦେଓ, ଯୁଗ୍ମସମ୍ପାଦକ ବିଭୁଦତ୍ତ ଦାସ, କାର୍ଯ୍ୟକାରିଣୀ କମିଟି ସଭ୍ୟ ଭାବେ ଗଣେଶ ଦାସ, ଆଶିଷ ବସା, ତିମିର ଘୋଷ, ମୌସୁମୀ ବାନାର୍ଜୀ, ଶୁକ୍ଳା ବାନାର୍ଜୀ, ରିଙ୍କୁ ବାନାର୍ଜୀ, ସୁଶାନ୍ତ ଦାସ, କୌଶିକ ମୁଖାର୍ଜୀ, ଅମିତାଭ ମିଶ୍ର, ମୁଖ୍ୟ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ଆଇନ ପରାମର୍ଶଦାତା ସତ୍ୟବ୍ରତ ମହାନ୍ତି ଓ ଉପଦେଷ୍ଟା ଭାବେ ଡଃ ମୋହିତ କୁମାର ଷଡ଼ଙ୍ଗୀ, ଡଃ ବିଜୟ କୁମାର ଅଗ୍ରୱାଲା, ଡଃ ଅମିତାଭ ନନ୍ଦି, ପ୍ର. କିଶୋର ଚନ୍ଦ୍ର ବସା ଓ ଇ. ମାନସ ରଞ୍ଜନ ଷଡ଼ଙ୍ଗୀ ମନୋନୀତ ହୋଇଛନ୍ତି।

## ମହିଳା ମହାବିଦ୍ୟାଳୟରେ ଇଗ୍ନୁ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ




ରାଇରଙ୍ଗପୁର, ୧୯।୨(ସମିସ): ମହିଳା ମହାବିଦ୍ୟାଳୟରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷ ରବିଶଙ୍କର ଶତପଥୀ ସଭାପତିତ୍ୱ କରି ଇଗ୍ନୁରେ ଶିକ୍ଷାର ମହତ୍ୱ ଆଲୋଚନା ସହିତ ଅତିଥିଙ୍କୁ ସ୍ୱାଗତ ଜଣାଇଥିଲେ। ରିଜିଓନାଲ ଡାଇରେକ୍ଟର ଡକ୍ଟର ବଂଶୀଧର ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଇଗ୍ନୁର ଇତିହାସ ବିଷୟରେ କାଉନସେଲିଂ କରିଥିଲେ। ସେଣ୍ଟର ତରଫରୁ ହେମନ୍ତ କୁମାର ମିଶ୍ର, ମହେନ୍ଦ୍ର କୁମାର ମିଶ୍ର, ଅଧ୍ୟାପିକା ରେଣୁକା ମହାନ୍ତ, ପ୍ରିୟତମା ହେମ୍ବ୍ରମ ଯୋଗ ଦେଇଥିଲେ। କୋର୍ଡିନେଟର ବିଜୟ କୁମାର ରାମ ସଭା ଆୟୋଜନ ଓ ପରିଚାଳନା କରିଥିଲେ। ଅଧ୍ୟାପିକା ରାଜଶ୍ରୀ ଦାସ ବିଭିନ୍ନ ବିଷୟର ଅଧ୍ୟୟନ ଓ ଭବିଷ୍ୟତ ଯୋଜନା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସେବତୀ ବେହେରା, ପୁଷ୍ପଲତା ମୁର୍ମୁ, ଅନୀତା ସମଦ, ରଞ୍ଜୁ ନାଏକ, ଗୁଡ୍ନନ କନ୍ଧବେ, ବିଦ୍ୟାବତୀ ବେହେରା, ରାଜବିଶାଳ ପଟ୍ଟନାୟକ, ଓମପ୍ରିୟା ମଣ୍ଡଳ, ପ୍ରିୟଦର୍ଶିନୀ ବେହେରା, ଚନ୍ଦନ ମହାପାତ୍ର, ଉପେନ୍ଦ୍ର ବେହେରା, ଜିତେନ୍ଦ୍ର ଗିରି, ସପୋର୍ଟ ଷ୍ଟାଫ ତରୁଣ ମହାନ୍ତ, ଦୀପିକା ମହାରାଣା, ଅମିତ ଗୋପାଳ ଓ ଶତାଧିକ ଛାତ୍ରୀମାନେ ଉପସ୍ଥିତ ଥିଲେ। ଅଧ୍ୟାପକ ଡକ୍ଟର ରାଜେନ୍ଦ୍ର ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବୃତ୍ତି ପରୀକ୍ଷାରେ ସଫଳ କିସ୍ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ବାରିପଦା, ୧୯ ।୨(ସମିସ): ଚଳିତ ବର୍ଷ ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧା ବୃତ୍ତି ପରୀକ୍ଷାରେ ମୟୂରଭଞ୍ଜର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ କିସ୍‌ର ଆଠଜଣ ଛାତ୍ରୀ ଜବାମଣି ଟୁଡୁ, ରିଙ୍କି ଟୁଡୁ, ସୀତା ହାଁସଦା, ମାୟା ଟୁଡୁ, ମାମୁନି ନାୟକ, ଲକ୍ଷ୍ମୀପ୍ରିୟା ହାଁସଦା, ପ୍ରୀତିନନ୍ଦା ନାୟକ, ମାମାଲି ପିଆସିନି ହେମ୍ବ୍ରମ୍ କୃତିତ୍ୱ ହାସଲ କରିଥିବାରୁ ବିଦ୍ୟାଳୟ ପକ୍ଷରୁ ପ୍ରଧାନଶିକ୍ଷକ ଗଣେଶ ମିଶ୍ରଙ୍କ ପୌରୋହିତ୍ୟରେ ଏକ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ଛାତ୍ରୀଙ୍କ ଅଭିଭାବକ ଯୋଗଦେଇ ପ୍ରତିଷ୍ଠାତା ଡଃ ଅଚ୍ୟୁତ ସାମନ୍ତଙ୍କ ସାହାଯ୍ୟ ଓ ସହଯୋଗ ଯୋଗୁଁ ଗରିବ ଆଦିବାସୀ ଛାତ୍ରୀ ଏଭଳି ବିରଳ ସଫଳତା ହାସଲ କରିପାରୁଥିବା ମତପ୍ରକାଶ କରିବା ସହ ନିଜର କୃତଜ୍ଞତା ଜ୍ଞାପନ କରିଥିଲେ। ସଂସ୍କୃତ ଶିକ୍ଷକ ଚକ୍ରଧର ମହାନ୍ତଙ୍କ ଦ୍ୱାରା ସଭାକାର୍ଯ୍ୟ ପରିଚାଳନା ହୋଇଥିବାବେଳେ ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ ଦୁର୍ଗା ହେମ୍ବ୍ରମ, ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ରାୟଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦେଇ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅଭିରାମ ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ।

## ଡଙ୍ଗାପାଣି ଗ୍ରାମରେ ବନ ବିଭାଗର ସଚେତନତା ସଭା



ମହୁଲଡିହା, ୧୯।୨(ସମିସ): କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳର ଡଙ୍ଗାପାଣିଠାରେ ବନ ବିଭାଗ ପକ୍ଷରୁ ଅଗ୍ନି ନିବାରଣ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡଙ୍ଗାପାଣି ଗ୍ରାମ ତଥା ସାଲେଇବେଡା ପଞ୍ଚାୟତର ଜନସାଧାରଣଙ୍କୁ ନେଇ ଅନୁଷ୍ଠିତ ସଭାରେ ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଜଙ୍ଗଲ ନିଆଁକୁ ରୋକିବାରେ ଲୋକଙ୍କ ସହଯୋଗ ପାଇଁ ନିବେଦନ କରିଥିଲେ। ଜଙ୍ଗଲ ଆମର ସମ୍ପତ୍ତି, ନିଆଁ ଲାଗିଲେ ବହୁ ଅମୂଲ୍ୟ ସମ୍ପଦ ନଷ୍ଟ ହେଉଛି। ଏଣୁ ମନୁଷ୍ୟକୃତ ନିଆଁ ରୋକିବା ଏକ ଧର୍ମ କାର୍ଯ୍ୟ ବୋଲି କହିଥିଲେ। ଓଏଫଏସଡିପି ସଂଯୋଜକ କୃତ୍ତିବାସ ପରିଡ଼ା, ସୁକାନ୍ତ କୁମାର ସାହୁ ସମସ୍ତଙ୍କ ପାଖରେ ସଚେତନତା ବାର୍ତ୍ତା ପହଞ୍ଚାଇ ଜଙ୍ଗଲକୁ ନିଆଁ ମୁକ୍ତ କରିବା ପାଇଁ ସଂକଳ୍ପ କରାଇଥିଲେ। ସଚେତନତା ସଭାରେ ସାଲେଇବେଡା ପଞ୍ଚାୟତ ସରପଞ୍ଚ ପେଲଙ୍ଗ ସଏ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆମ ଜଙ୍ଗଲକୁ ସୁରକ୍ଷା ଓ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲିପୋଷି ସେକ୍ସନର ବନପାଳ ପ୍ରଦୀପ କିଶୋର ହାଇବୁରୁ ହୋ ଭାଷାରେ ଉଦବୋଧନ ଦେଇ ବନ୍ୟପ୍ରାଣୀ ଦ୍ୱାରା ଧନଜୀବନ ହାନି ହେଲେ ସରକାରୀ କ୍ଷତିପୂରଣ ବାବଦରେ ଅବଗତ କରିଥିଲେ। ବନ ବିଭାଗକୁ ସମସ୍ତେ ସହଯୋଗ କରିବା ଓ ଆମ ଜଙ୍ଗଲ ନଷ୍ଟ ହେବାକୁ ଦେବା ନାହିଁ ବୋଲି ନିବେଦନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡା ବନପାଳ ବିଦ୍ୟାଧର ମହାନ୍ତ, ଚନ୍ଦ୍ରମୋହନ ମହାନ୍ତ, ନଳିନୀ ମହାନ୍ତ, ବନ୍ୟପ୍ରାଣୀ ବନପାଳ ସନ୍ତୋଷ କୁମାର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସାମ୍ବାଦିକ ଶରତ କୁମାର ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ବନରକ୍ଷୀ କିଶୋର ପାତ୍ର, ଗାୟତ୍ରୀ ମହାନ୍ତ, ସ୍ମୃତିରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ବିଗତ ବର୍ଷ ଜଙ୍ଗଲକୁ ନିଆଁ ମୁକ୍ତ ରଖିଥିବାରୁ ବନ ବିଭାଗ ପକ୍ଷରୁ ଡଙ୍ଗାପାଣି ବନ ସୁରକ୍ଷା ସମିତିକୁ ୫ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ବନ ସୁରକ୍ଷା ସମିତି ସଭ୍ୟା ଜାନକୀ ପୂର୍ତ୍ତି ଧନ୍ୟବାଦ ଦେଇଥିଲେ।

୫ ବର୍ଷ ବିତିଲା, ସରୁନି କାମ

## କେବେ କାର୍ଯ୍ୟକ୍ଷମ ହେବ ପାନୀୟଜଳ ପ୍ରକଳ୍ପ



କୁଆମରା, ୧୯ ।୨(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ପଞ୍ଚାୟତର ଚିଲିମାଠାରେ ପାନୀୟଜଳ ପ୍ରକଳ୍ପ କାମ ଚାଲିଛି। ପାଞ୍ଚ ବର୍ଷ ପୂର୍ବେ କାମ ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ କାମ ଅଧାପନ୍ତରିଆ ରହିଛି। କେବେ ଏହି ପ୍ରକଳ୍ପ କେବେ କାର୍ଯ୍ୟକ୍ଷମ ହେବ, ସେ ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଲୋକ। ଏହି ପ୍ରକଳ୍ପ କାମ ଶେଷ କରି କାର୍ଯ୍ୟକ୍ଷମ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

୨୦୨୧ରେ ଏଠାରେ ଏକ ପାଣି ଟାଙ୍କି କାମ ଆରମ୍ଭ ହୋଇଥିଲା। ପାଞ୍ଚବର୍ଷ ବିତିଯାଇଥିଲେ ମଧ୍ୟ ଟାଙ୍କି ନିର୍ମାଣ କାମ ସରିବାକୁ ଆଉ ୧୦ ପ୍ରତିଶତ ବାକି ରହିଛି। ଉକ୍ତ ପାଣି ଟାଙ୍କି ଯୋଗୁଁ ପାଞ୍ଚ ଶହରୁ ଅଧିକ ପରିବାର ଶୁଦ୍ଧ ପାନୀୟଜଳ ପାଇପାରିବେ। ତେବେ କାର୍ଯ୍ୟକୁ ଅଧାପନ୍ତରିଆ କରି ଠିକାଦାର ଜଣକ ପଳାଇ ଯାଇଥିବାବେଳେ ପରବର୍ତ୍ତୀ ସମୟରେ ଅନ୍ୟଏକ କମ୍ପାନୀ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିବା କନିଷ୍ଠ ଯନ୍ତ୍ରୀ ରଜତ କୁମାର ପଣ୍ଡା କହିଛନ୍ତି। ଉକ୍ତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭରୁ ମନ୍ଥର ଗତିରେ ଚାଲିଥିବାରୁ ଅଞ୍ଚଳବାସୀ ଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ପୂର୍ବ ଠିକାଦାର ଜଣକ ୨୦୨୪ରେ ପରୀକ୍ଷାମୂଳକ ଭାବେ ଟାଙ୍କିରେ ପାଣି ଭର୍ତ୍ତି କରିଥିବାବେଳେ ତାହା ବିଫଳ ହୋଇଥିଲା। ଓଭରହେଡ ଟାଙ୍କିର ଚାରିପାଖରୁ ପାଣି ଝରୁଥିବା ଦେଖାଯାଇଥିଲା। ଠିକାଦାର ଜଣକ ବିଫଳ ହେବା ଜାଣି କାମ ଛାଡି ଛୁ ମାରିଥିଲେ। ନିମ୍ନମାନର କାର୍ଯ୍ୟ ଯୋଗୁଁ ଏପରି ଅବସ୍ଥା ଘଟିଥିବାର ଅଞ୍ଚଳବାସୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ପାଣି ଟାଙ୍କିର ରଙ୍ଗ ଲିଭିବାକୁ ବସିଲାଣି ମାତ୍ର ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉନି। ଅନ୍ୟପକ୍ଷରେ ପ୍ରକଳ୍ପ କାର୍ଯ୍ୟ ସରିବାକୁ ବସିଲାଣି ହେଲେ ଏଯାଏଁ ସୂଚନା ଫଳକ ବସିନାହିଁ। ଉକ୍ତ ପ୍ରକଳ୍ପ କାର୍ଯ୍ୟର ସ୍ଥାୟିତ୍ୱ ଓ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରକଳ୍ପର ଅଟକଳ ଓ କେବେ କାର୍ଯ୍ୟ ସରିବ ସେ ନେଇ ଅନ୍ଧାରରେ ଅଞ୍ଚଳବାସୀ। ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରଜତ କୁମାର ପଣ୍ଡା କହିଛନ୍ତି, ୧୫ କିଲୋମିଟର ଦୂରରେ ମାର୍ଶି ଗାଁରେ ମୁଖ୍ୟ ପ୍ରକଳ୍ପ ରହିଛି ଓ ସେଠାରେ ବିଭିନ୍ନ ପଞ୍ଚାୟତର ନିର୍ମିତ ୬ଟି ପ୍ରକଳ୍ପର ସୂଚନା ଫଳକ ଲାଗିଛି। ଉକ୍ତ ପ୍ରକଳ୍ପ କାର୍ଯ୍ୟ ଆଉ ୨ ମାସ ମଧ୍ୟରେ ସରିବ ବୋଲି କହିଛନ୍ତି। କାମ ମନ୍ଥର ଗତିରେ ଚାଲିଥିବା ମଧ୍ୟ ସ୍ୱୀକାର କରିଛନ୍ତି ଶ୍ରୀ ପଣ୍ଡା। ତେବେ ଗ୍ରୀଷ୍ମଋତୁ ପୂର୍ବରୁ ଏହି ପ୍ରକଳ୍ପ କାମ ଶେଷ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଅସହାୟର ଶବ ସତ୍କାର କଲା 'ମେ ଆଇ ହେଲ୍ପ ୟୁ'



ଜଳେଶ୍ୱର, ୧୯।୨(ସମିସ): ଜଳେଶ୍ୱର ଅଞ୍ଚଳରେ ଜଣେ ଅସହାୟ ଲୋକ ମୁନସାନି ଦେବ (୬୫) ଗତ କାଲି ରାତିରେ ମୃତ୍ୟୁବରଣ କରିଥିଲେ। ତାଙ୍କର ତିନି ପୁଅ, ବୋହୂ, ନାତି ରୋଜଗାର କରି ନିଜ ନିଜ ପେଟ ପୋଷନ୍ତି କିନ୍ତୁ ମୁନସାନି ଅଳିଆ ଆବର୍ଜନା ଏକତ୍ରିତ କରି ତାକୁ ବିକ୍ରି କରି ଅନେକ ସମୟରେ ଭିକ୍ଷା କରି ନିଜ ପେଟ ପୋଷି ଜଳେଶ୍ୱର ପୁରୁଣା କୋର୍ଟ ବଜାରଠାରେ ଖୋଲା ପୋଲ ତଳେ ଆଶ୍ରୟ ନେଉଥିଲେ। ଏମିତି ନିତିଦିନ କାର୍ଯ୍ୟ ଭିତରେ ଗତ କାଲି ରାତିରେ ତାଙ୍କର ମୃତ୍ୟୁ ହୋଇଛି। ସକାଳୁ କିଛି ଲୋକ ଜଳେଶ୍ୱର ମ୍ୟୁନିସିପାଲିଟିକୁ ସୂଚନା ଦେବା ପରେ ଜଳେଶ୍ୱର ଚେୟାରମ୍ୟାନ ପତିତ କୁମାର ପ୍ରଧାନଙ୍କ ସହଯୋଗ ରେ ଜଳେଶ୍ୱର ଆଇ ଆଇ ସି ଅଶୋକ କୁମାର ବାରିକଙ୍କ ହସ୍ତକ୍ଷେପରେ ଜଳେଶ୍ୱର ସାମାଜିକ ସଂଗଠନ ମେ ଆଇ ହେଲ୍ପ ୟୁ ମୋ ପରିବାର ଜଳେଶ୍ୱର ଯୁବ ମଞ୍ଚ ଦ୍ୱାରା ପରିଚାଳନା ହେଉଥିବା ଶାନ୍ତି ରଥରେ ପ୍ରଥମେ ଜଳେଶ୍ୱର ଜି କେ ଭଟ୍ଟର ହସ୍ପିଟାଲରେ ତାଙ୍କର ଶବ ବ୍ୟବଚ୍ଛେଦ କରାଯାଇଥିଲା। ଜଳେଶ୍ୱର ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ଜେନା ଶବ ସତ୍କାର ପାଇଁ ଶାନ୍ତିଆ ୧୦ ୱାର୍ଡରେ ବ୍ୟବସ୍ଥା କରିଥିଲେ। ଜଳେଶ୍ୱର ଅଗ୍ରଣୀ ସାମାଜିକ ସଂଗଠନ ମେ ଆଇ ହେଲ୍ପ ୟୁ ମୋ ପରିବାରର ମୁଖ୍ୟ ଜଗନ୍ନାଥ ପରିଡ଼ା, ଆନନ୍ଦ କର, ଶିବ ସୁନ୍ଦର ଜେନା ଦେବବ୍ରତ ଭୁୟାଁ, ଶମ୍ଭୁନାଥ ବାରିକ, ସୁବଳ ହେମ୍ବ୍ରମ, ସତ୍ୟମ ଅଣ୍ଡିଆ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସମ୍ପନ୍ନ କରିଥିଲେ।

## ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

# ମାତୃଭାଷା ପରୀକ୍ଷାରେ ୮୩୫ ଛାତ୍ରଛାତ୍ରୀ ଅନୁପସ୍ଥିତ

ବାଲେଶ୍ୱର, ୧୯।୨(ସମିସ)

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହା ମାର୍ଚ୍ଚ ମାସ ଦୁଇ ତାରିଖରେ ଶେଷ ହେବ। ଆଜି ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ଥିଲା। ଏ ନେଇ ମୋଟ ୧୮୩ଟି ସେଂଟରରେ ୩୨ହଜାର ୨୯୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୧ହଜାର ୩୫୫ଜଣ ପରୀକ୍ଷା ଦେଇଥିବା ବେଳେ ୮୩୫ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି।

ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେବା ପାଇଁ ଜିଲ୍ଲାର ୩୧ହଜାର ୭୯ଜଣ ଛାତ୍ରଛାତ୍ରୀ ଫର୍ମ ଫିଲପ କରିଥିଲେ। ଆଜି ରେଗୁଲାର ମାତୃଭାଷା ପରୀକ୍ଷାରେ ମୋଟ ୩୦ହଜାର ୩୨୩ଜଣ ଛାତ୍ରଛାତ୍ର ପରୀକ୍ଷା ଦେଇଥିବା ବେଳେ ୬୫୬ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ସେହିପରି ମଧ୍ୟମା ପରୀକ୍ଷାରେ ୮୯୬ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୫୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୪୨ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ଏସଓଏସସିରେ ୩୧୫ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୭୮ଜଣ ପରୀକ୍ଷା ଦେଇଥିବା ବେଳେ ୩୭ଜଣ ଅନୁପସ୍ଥିତ ରହିଛନ୍ତି। ତେବେ ମୋଟ ଉପରେ ୩୨୨୯୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୧ହଜାର୩୫୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୮୩୫ଜଣ ଅନୁପସ୍ଥିତ ରହିଛନ୍ତି। ଆଜି କୌଣସି ଛାତ୍ରଛାତ୍ରୀ ଏମପିରେ ବୁକ ହୋଇନଥିବା ଜଣାଯାଇଛି। ଅନ୍ୟପଟେ ଚଳିତ ବର୍ଷ ରେଗୁଲାର ପରୀକ୍ଷାରେ ସିମୁଳିଆ ବ୍ଲକର ଆରଏନ ସରକାରୀ ବିଦ୍ୟାଳୟରେ ୧୫୫୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୫୩୪ଜଣ ପରୀକ୍ଷା ଦେଇଥିବା ବେଳେ୨୫ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ବସ୍ତା ବ୍ଲକର ଏସଏନ ହାଇସ୍କୁଲରେ ୨୨୫୪ଜଣ ରେଗୁଲାର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧୯୯ଜଣ ପରୀକ୍ଷା ଦେଇଥିବା ବେଳେ ୫୫ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ଖଇରା ବ୍ଲକର ଖଇରା ସରକାରୀ ହାଇସ୍କୁଲରେ ୩୬୧୪ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୫୨୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୮୭ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ବହାନଗା ବ୍ଲକର ଖନ୍ତାପଡ଼ା ହାଇସ୍କୁଲରେ ୨୨୧୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୧୭୧ଜଣ ପରୀକ୍ଷା ଦେଇଥିବା ବେଳେ ୩୯ଜଣ ଅନୁପସ୍ଥିତ ରହିଛନ୍ତି। ରେମୁଣା ବ୍ଲକରେ ରେମୁଣା ହାଇସ୍କୁଲରେ୨୦୫୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦୦୮ଜଣ ପରୀକ୍ଷା ଦେଇଥିବା ବେଳେ ୪୨ଜଣ ଅନୁପସ୍ଥିତ ରହିଛନ୍ତି। ନୀଳଗିରି ବ୍ଲକରେ କେସି ହାଇସ୍କୁଲରେ ୨୪୬୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୪୦୫ଜଣ ପରୀକ୍ଷା ଦେଇଥିବା ବେଳେ ୬୨ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ସୋର ବ୍ଲକରେ ଏସଏନ ହାଇସ୍କୁଲରେ ୨୬୨୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୫୭୩ଜଣ ପରୀକ୍ଷା ଦେଇଥିବା ବେଳେ ୫୫ଜଣ ଅନୁପସ୍ଥିତ ରହିଛନ୍ତି। ଜଳେଶ୍ୱର ବ୍ଲକରେ ଜଳେଶ୍ୱର ସରକାରୀ ହାଇସ୍କୁଲରେ ୩୦୨୧ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୯୫୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୬୫ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ଭୋଗରାଇ ବ୍ଲକରେ କମର୍ଦ୍ଦା ଜେଏନ ହାଇସ୍କୁଲରେ ୧୪୫୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୧୩୨୧ଜଣ ପରୀକ୍ଷା ଦେଇଥିବା ବେଳେ ୩୭ଜଣ ଅନୁପସ୍ଥିତ ଥିବା ବେଳେ ଏଚସି ଏକାଡେମୀରେ ୨୧୦୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦୮୨ଜଣ ପରୀକ୍ଷା ଦେଇଥିବା ବେଳେ ୨୭ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ବାଲିଆପାଳ ବ୍ଲକର ଏସଆର ସରକାରୀ ହାଇସ୍କୁଲରେ ୩୧୮୭ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୦୯୦ଜଣ ପରୀକ୍ଷା ଦେଇଥିବା ବେଳେ ସର୍ବାଧିକ ୯୭ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ବାଲେଶ୍ୱର ସଦର ବ୍ଲକର ଜିଲ୍ଲା ସ୍କୁଲରେ ୪୫୨୨ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୪୫୭ଜଣ ପରୀକ୍ଷା ଦେଇଥିବା ବେଳେ ୬୫ଜଣ ଅନୁପସ୍ଥିତ ରହିଛନ୍ତି। ମୋଟ ଉପରେ ରେଗୁଲାର ପରୀକ୍ଷାରେ ୬୫୬, ମଧ୍ୟମା ପରୀକ୍ଷାରେ ୧୪୨ ଏବଂ ଏସଓଏସସିରେ ୩୭ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି।



ସୂଚନା ଯୋଗ୍ୟ ଯେ, ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ରଖିବା ପାଇଁ ଜିଲ୍ଲାରେ ୧୨ଟି ହବ କରାଯାଇଥିବା ବେଳେ ୧୮୩ଟି ସେଣ୍ଟର ହୋଇଛି। ଏହାଛଡା ମୋଟ୧୮୩ଜଣ ପର୍ଯ୍ୟବେକ୍ଷକ ନିୟୋଜିତ ହୋଇଥିବା ବେଳେ ୫୧ଟି ଡେସପାଚ ଟିମ୍ ଗଠନ କରାଯାଇଛି। ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ୧୭୩ଟି ସିସିଟିଭିର ବ୍ୟବସ୍ଥା ମଧ୍ୟ କରାଯାଇଛି। ପ୍ରତି ସେଂଟରକୁ ପ୍ରଶ୍ନପତ୍ର ଯୋଗାଇବା ପାଇଁ ୫୧ଟି ଡେସପାଚ ଟିମ କରାଯାଇଛି। ମୋଟ ଉପରେ ସମସ୍ତ ସେଂଟର ପାଇଁ ୧୭୩ଟି ସିସି କ୍ୟାମେରା ଲଗାଯାଇଛି।

# ମନୋଜ ରାଉତ ଟାଉନ ଓ ବସନ୍ତ ପଣ୍ଡା ସଦର ବ୍ଲକ ବିଜେଡି ସଭାପତି

ବାଲେଶ୍ୱର, ୧୯।୨(ସମିସ): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ ସଭାପତି ଓ ନଗର ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଏହି ଅବସରରେ ବାଲେଶ୍ୱର ପୌରପରିଷଦର ପୂର୍ବତନ ଉପ ନଗରପାଳ ମନୋଜ କୁମାର ରାଉତଙ୍କୁ ବାଲେଶ୍ୱର ଟାଉନ ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବସନ୍ତ ପଣ୍ଡାଙ୍କୁ ପୁଣି ଥରେ ସଦର ବ୍ଲକ ବିଜୁ ଜନତା ଦଳର ସଭାପତି ଭାବେ ନିଯୁକ୍ତି ମିଳିଛି।ଏମାନଙ୍କ କଠିନ ପରିଶ୍ରମ ଓ ଦୃଢ ସଙ୍ଗଠନ ଦ୍?ାରା ବାଲେଶ୍ୱର ଜିଲ୍ଲାରେ ବିଜୁ ଜନତା ଦଳ ଆହୁରି ସୁଦୃଢ ହେବ ବୋଲି ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସ ଆଶା ପ୍ରକାଶ କରିଥିବା ବେଳେ ଏହି ନିଯୁକ୍ତି ପାଇଁ ଉଭୟ ଶ୍ରୀ ରାଉତ ଏବଂ ଶ୍ରୀ ପଣ୍ଡା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ, ଜିଲ୍ଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କୁ ଧନ୍ୟବାଦ ଜଣାଇବା ସହ ସଦର ନିର୍ବାଚନ ମଣ୍ଡଳୀର ସମସ୍ତ କର୍ମୀ ମାନଙ୍କ ସହଯୋଗ କାମନା କରିଛନ୍ତି। ଏହି ଅବସରରେ ନବ ନିଯୁକ୍ତ ଦୁଇ ସଭାପତିଙ୍କୁ ଦଳର କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଜଳେଶ୍ୱରରେ ଗୋଶାଳା ନିର୍ମାଣ ଦାବି

ଜଳେଶ୍ୱର ବ୍ଲକ, ୧୯।୨(ସମିସ): ଜଳେଶ୍ୱର ପୌରପାଳିକାର ୧୬ନଂ ୱାର୍ଡ ଅଲାଲପୁର ଗ୍ରାମରେ ଗୋଶାଳା ନିର୍ମାଣର ଡିପିଆର ପ୍ରସ୍ତୁତି ପାଇଁ ଜଳେଶ୍ୱର ପୌରପାଳିକାର ସମସ୍ତ କାଉନସିଲର ଗତ ୨୦୨୩ ମସିହାରେ ସର୍ବସମ୍ମତି କ୍ରମେ ସ୍ୱୀକୃତି ପ୍ରଦାନ କରି ଥିଲେ। ଉକ୍ତ ଗୋଶାଳା ନିର୍ମାଣ ପାଇଁ ତତ୍କାଳୀନ ବାଲେଶ୍ୱର ଜିଲ୍ଲାପାଳ ଡି.ବି ସିନ୍ଦେଧଙ୍କ ପରାମର୍ଶ କ୍ରମେ ନଗରପାଳ ପ୍ରତୀପ କୁମାର ପ୍ରଧାନ ଜଟଣୀ ପୌରପାଳିକା ଦ୍ୱାରା ନିର୍ମାଣ କରା ଯାଇଥୁବା ଗୋଶାଳା ପରିଦର୍ଶନରେ ଯାଇ ତାଙ୍କର ରିପୋର୍ଟ ମଧ୍ୟ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଜଳେଶ୍ୱରର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଓ ନଗରପାଳ ଶ୍ରୀ ପ୍ରଧାନଙ୍କ ମିଳିତ ଉଦ୍ୟମରେ ଡି.ପି.ଆର ପ୍ରସ୍ତୁତି ଏବଂ ଅନୁମୋଦିତ ହୋଇ ବର୍ତ୍ତମାନର ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଅର୍ଥ ମଞ୍ଜୁର ହୋଇଥିଲା। ଗତ ୨୦୨୫ ମସିହା ଏପ୍ରିଲ ୧୫ ତାରିଖରେ ମନ୍ତ୍ରୀ ଶ୍ରୀ ମହାପାତ୍ର, ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏବଂ ଜଳେଶ୍ୱର ବିଧାୟକ ଶ୍ରୀ ପାତ୍ର ମିଳିତ ଭାବରେ ଉକ୍ତ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହା ଭିତରେ ୧୦ ମାସ ଅତିକ୍ରାନ୍ତ ହେଇଗଲାଣି। ତଥାପି ଗୋଶାଳା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ନାଁ ଧରୁ ନାହିଁ। ଏହି ପ୍ରଶାସନିକ ସ୍ଥାଣୁତା ଯୋଗୁଁ ଅନେକ ସମୟରେ ଜଳେଶ୍ୱର ପୌରାଞ୍ଚଳ ମଧ୍ୟରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ର ଗତି ହୋଇ ପାରୁନାହିଁ। ଉକ୍ତ ଗୋଶାଳାର ତୁରନ୍ତ ନିର୍ମାଣ ପାଇଁ ସ୍ଥାନୀୟ ୱାର୍ଡ ନମ୍ବର ୧୬ର କାଉନସିଲର ଲକ୍ଷ୍ମଣ ସରେନଙ୍କ ନେତୃତ୍ୱରେ ବିଜୁ ଜନତା ଦଳର ଜଳେଶ୍ୱର ନଗରର ବରିଷ୍ଠ ସଦସ୍ୟ ମାନେ ବାରମ୍ବାର ନଗରପାଳ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବି କରି ଆସୁଥିଲେ ମଧ୍ୟ କିଛି ସୁଫଳ ମିଳି ପାରୁନାହିଁ। ବାଲେଶ୍ୱର ଜିଲ୍ଲାପାଳ ତୁରନ୍ତ ଏହି ଗୋଶାଳାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ପଦକ୍ଷେପ ନେବାକୁ ଜଳେଶ୍ୱର ସହରବାସୀ ଦାବି କରିଛନ୍ତି। ଯଦି ଫେବୃଆରୀ ମାସ ମଧ୍ୟରେ ଗୋଶାଳା ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହୁଏ ଜଳେଶ୍ୱର ପୌରପାଳିକା ଅଫିସକୁ ଘେରାଉ କରାଯିବ ବୋଲି ବିଜୁ ଜନତା ଦଳ, ଜଳେଶ୍ୱର ନଗର ତରଫରୁ ଚେତାବନୀ ଦିଆଯାଇଛି।

## ● ଦୁଇ ବେଆଇନ ପଥର ବୋଝେଇ ଡମ୍ଫର ଧରିଲେ ଉପଜିଲ୍ଲାପାଳ

# କାନ ଧରି ଭୁଲ ମାଗିଲେ ଚାଳକ



ରାଜଘାଟ, ୧୯।୨ (ସମିସ): ସଞ୍ଜ ନଇଁଲେ ବସ୍ତା ଓ ଜଳେଶ୍ୱର ଅଞ୍ଚଳରେ ଲଘୁ ଖଣି ମାଫିଆଙ୍କ ଦ୍ୱାଦୁର୍ଭାବ ବଢ଼ିବାରେ ଲାଗୁଛି। ଏହାକୁ ରୋକ ଲଗାଇବା ପାଇଁ ଉପଜିଲ୍ଲାପାଳ ଶିବ ମାଳବ୍ୟ ନିଜେ ବସ୍ତା ଓ ଜଳେଶ୍ୱର ଅଞ୍ଚଳକୁ ପରିଦର୍ଶନ କରିବାପାଇଁ ଆସିଥିଲେ। ଏହି ସମୟରେ ଦୁଇଟି ପଥର ବୋଝେଇ ଡମ୍ଫରକୁ ବସ୍ତା ଥାନା ରାଜଘାଟ ପୋଲ ନିକଟରେ ରାତି ୧୦ଟା ସମୟରେ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ମାତ୍ର ଚାଳକ ଉପଯୁକ୍ତ କାଗଜ ଦେଖାଇବାରେ ଅସମର୍ଥ ହୋଇଥିଲେ। ବରଂ କାନ ଧରି ଏଭଳି ଚୋରା ପଥର ଗାଡି ଆଉ ଚଲାଇବୁନି ଭୁଲ ହୋଇଯାଇଛି ବୋଲି କହୁଥିବା ଦେଖିବାକୁ ମିଳିଥିଲା। ଚଢାଉ ଖବର ପାଇ ବସ୍ତା ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳ ଗଳି ଗୁଡିକରେ ପଥର, ମାଟି, ମୋରମ ଓ ବାଲି ଗାଡି ଦୀର୍ଘ ସମୟ ଲୁଚିରହିଥିବା ଦେଖିବାକୁ ମିଳିଥିଲା। ଉପଜିଲ୍ଲାପାଳ ତୁରନ୍ତ ଜଳେଶ୍ୱର ଖଣି ଅଧିକାରୀ ତାପସ ବେହେରାଙ୍କୁ ଗାଡି ଦୁଇଟି ହସ୍ତାନ୍ତର କରିଥିଲେ। ଖଣି ଅଧିକାରୀ ଗାଡି ଦୁଇଟିକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛନ୍ତି।

# ଅସହାୟଙ୍କ ଭତ୍ତା ଟଙ୍କା ଲୁଟୁଛନ୍ତି ପଞ୍ଚାୟତ ଅଧିକାରୀ

ବସ୍ତା ବ୍ଲକ, ୧୯।୨ (ସମିସ): ବୃଦ୍ଧବୃଦ୍ଧା, ବିଧବା, ଭିନ୍ନକ୍ଷମ ଭଳି ଅସହାୟଙ୍କୁ ଲୁଟୁଛନ୍ତି ସରକାରୀ କର୍ମଚାରୀ। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବ୍ରାହ୍ମଣଦା ପଞ୍ଚାୟତରେ ଏହିଭଳି ଅସହାୟଙ୍କ ଭତ୍ତା ଟଙ୍କାକୁ ଲୁଟି ଖାଇ ଥିବା ଜନୈକା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ନାମରେ ଅସହାୟ ବ୍ୟକ୍ତି ଓ ମହିଳା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିବା ପରେ ଏହିଭଳି ଲୁଟ ଘଟଣା ସାମ୍ନା କୁ ଆସିଛି। ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଯୋଗରୁ ପ୍ରକାଶ ଯେ ଏହି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଣି ଭାବେ ରଞ୍ଜିତା ଶତପଥୀ ଦାୟିତ୍ୱରେ ଥିବା ବେଳେ ଜାନୁଆରୀରେ ଲୋକଙ୍କୁ ଭତ୍ତା ଦିଆଯାଇଥିଲା। ସେତେବେଳେ ୧୨ରୁ ଉର୍ଦ୍ଧ୍ୱ ହିତାଧିକାରୀ ଭତ୍ତା ପାଇ ନ ଥିଲେ। ମାତ୍ର ଫେବୃଆରୀ ମାସ ବେଳକୁ ତାଙ୍କୁ ବ୍ରାହ୍ମଣଦା ପଞ୍ଚାୟତରୁ ଅପସାରଣ କରାଯାଇ ନିର୍ବାଣ ଚନ୍ଦ୍ର ବେହେରାଙ୍କୁ ନୂତନ ଦାୟିତ୍ୱ ମିଳିଛି। ଏହି କ୍ରମରେ ଫେବୃଆରୀ ମାସର ଭତ୍ତା ଦିଆ ଯାଉଥିବା ବେଳେ ଗତ ମାସରେ ଭତ୍ତା ପାଇବାରୁ ବଞ୍ଚିତ ହିତାଧିକାରୀ ନୂଆ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦୁଇ ମାସର ଭତ୍ତା ମାଗିଥିଲେ। ମାତ୍ର ହିତାଧିକାରୀଙ୍କୁ ଭତ୍ତା ଟଙ୍କା ପ୍ରଦାନ ହୋଇଥିବା ସରକାରୀ ଖାତାରେ ଥିବା ଯୋଗୁଁ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଭତ୍ତା ଟଙ୍କା ହଡ଼ପ ହୋଇଥିବା ଜାଣି ପାରି ହିତାଧିକାରୀ ମାନେ ସରପଞ୍ଚଙ୍କ ପ୍ରତିନିଧି ପୂର୍ଣ୍ଣ ଚନ୍ଦ୍ର ଖଟୁଆ, ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ବୁଗୁଡ଼ିଙ୍କୁ ନେଇ ବସ୍ତା ବ୍ଲକରେ ପହଞ୍ଚି ବିଡ଼ିଓ ଙ୍କୁ ଲିଖିତ ଅଭିଯୋଗ କରିଥିଲେ। ରଞ୍ଜିତା ଶତପଥୀଙ୍କୁ ବ୍ରାହ୍ମଣଦା ପଞ୍ଚାୟତରୁ ଅପସାରଣ କରି ନୂଆ



## ବିଡିଓଙ୍କୁ ହିତାଧିକାରୀଙ୍କ ଅଭିଯୋଗ

ପିଇଓ ଶ୍ରୀ ବେହେରାଙ୍କୁ ବ୍ଲକ ଦାୟିତ୍ୱ ଦେଇଥିବା ବେଳେ ପୂର୍ବ ଅଧିକାରିଣୀ ନୂଆ ଅଧିକାରୀଙ୍କୁ କାର୍ଯ୍ୟଭାର ଦେଉ ନଥିବା ନେଇ ସରପଞ୍ଚ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହିଭଳି ଭତ୍ତା ଲୁଟରେ ପୂର୍ବରୁ ଅନେକ ଶିକାର ହୋଇଥିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏ ନେଇ ବିଡ଼ିଓ ମିହିର ରଞ୍ଜନ ବେହେରାଙ୍କୁ ପଚାରିବାରୁ ଅଭିଯୋଗ ଆସିଛି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଅଷ୍ଟପ୍ରହରୀ ମହୋତ୍ସବ

ଜଳେଶ୍ୱର, ୧୯।୨(ସମିସ): ଜଳେଶ୍ୱର ବ୍ଲକ ଶିଖରପୁର ଗ୍ରାମପଞ୍ଚାୟତ ବଜାରଶୋଳ ଗ୍ରାମର ଶିବରାତ୍ରି ଉପଲକ୍ଷେ ଗ୍ରାମବାସୀ ଏବଂ ଯୁବକ ମାନଙ୍କ ପ୍ରଚେଷ୍ଟାରେ ଅଷ୍ଟମପ୍ରହରୀ ମହୋତ୍ସବ ଦୁଇ ଦିନ ବ୍ୟାପୀ ହୋଇ ଯାଇଛି। ଏହି ମହୋତ୍ସବରେ ତିନି ହଜାର ଭକ୍ତ ଯୋଗଦେଇ ପ୍ରସାଦ ସେବନ କରିଥିଲେ। ସଂକୀର୍ତ୍ତନ ମଣ୍ଡଳୀ ଭାବେ ନାଇକୁଡ଼ି ଏବଂ ରାଇପୁର ଭାଗ ନେଇଥିଲେ। ଶେଷରେ ଗ୍ରାମର ସଭାପତି ମୃତ୍ୟୁଞ୍ଜୟ ସିଂହ ଏବଂ ସମ୍ପାଦକ ନିତ୍ୟାନନ୍ଦ ଘୋଷଙ୍କୁ ଗ୍ରାମବାସୀ ସମ୍ବର୍ଦ୍ଧନା ଦେଇଥିଲେ।

# ଦେଉଳା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲିଆପାଳ, ୧୯।୨ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ଅନ୍ତର୍ଗତ ଦେଉଳା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରଲୀ ମୋହନ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ବ୍ଲକ ବିଡ଼ିଓ ରାଧାରଞ୍ଜନ ଦାସ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧକ୍ଷ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଡ. ବିଜୟ ଦେ, ସମ୍ମାନିତ ଅତିଥି ଭାବେ ବାଲିଆପାଳ ମଙ୍ଗଳ ଅଧିକାରୀ ଉଦିତ କୁମାର ମହାପାତ୍ର, ସ୍ଥାନୀୟ ସରପଞ୍ଚ ସରୋଜ କୁମାର ପିଲା, ସିଆରସିସି ସୁନାରୂଇ କ୍ଲଷ୍ଟର ରବୀନ୍ଦ୍ର କୁମାର ବିଶ୍ୱାଳ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନିର୍ମଳ ରାଉଳ, ହିନ୍ଦୀ ଶିକ୍ଷକ ସାର୍ଥକ ଚନ୍ଦ୍ର ହାଇସ୍କୁଲର ଅନନ୍ତ କୁମାର ରାଉଳ, ଶିକ୍ଷକ ହରପ୍ରସାଦ ଉଚ୍ଚ ବିଦ୍ୟାଳୟ ପଞ୍ଚୁପାଲିର ସୁକୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଥିଲେ। କ୍ରୀଡା ଶିକ୍ଷକ ରଞ୍ଜନ କୁମାର ସାହୁ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଶିକ୍ଷୟତ୍ରୀ ସଂଯୁକ୍ତା ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟତ୍ରୀ ଉର୍ମିଳା ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଶ୍ରଦ୍ଧାପୁର ଉପ୍ରା ବିଦ୍ୟାଳୟରେ ଶିକ୍ଷକ ପ୍ରଶିକ୍ଷଣ ଶିବିର

ଭୋଗରାଇ, ୧୯।୨(ସମିସ): ଭୋଗରାଇର ବ୍ଲକ ଶ୍ରଦ୍ଧାପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଦେବକୁମାର ପାତ୍ରଙ୍କ ତତ୍ୱାବଧାନରେ ଶ୍ରଦ୍ଧାପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ୫ଦିନିଆ ଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଜାତୀୟ ଶିକ୍ଷାନୀତି- ୨୦୨୦ ଓ ଓଡ଼ିଶା ପାଠ୍ୟକ୍ରମ ଆଧାର- ୨୦୨୫ ଉପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପ୍ରଜାପିତା ବ୍ରହ୍ମ କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର କଣ୍ଟାଇ ଏବଂ ଚନ୍ଦନେଶ୍ୱର ଜୋନର ବ୍ରହ୍ମ କୁମାରୀ ସୁପ୍ରିୟା ଓ ସୁଜାତା ଭଉଣୀ ପ୍ରାକ୍ତନ ଶିକ୍ଷକ ଯାମିନୀକାନ୍ତ ଦତ୍ତ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ନୈତିକ ଶିକ୍ଷାର ମୂଲ୍ୟବୋଧ ବିଷୟରେ ଆଲୋଚନା କରିଥିଲେ। ଶିକ୍ଷକ ସୁକୁମାର ଦାସ, ଶୁଶାନ୍ତ ଦାସ, କାର୍ତ୍ତିକ ଚନ୍ଦ୍ର ପ୍ରଧାନ, ଶିକ୍ଷୟିତ୍ରୀ ଅରତୀ ଘୋଷ ପ୍ରମୁଖ ଉଦ୍ଦେଶ୍ୟ ସମ୍ବନ୍ଧରେ ସମ୍ୟକ ଧାରଣା ଦେବା ପରେ ପ୍ରଶିକ୍ଷକ ଭାବେ ରେମୁଣା ଶିକ୍ଷକ ଓ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରର ଶିକ୍ଷକ ଅରୁଣ କୁମାର ପ୍ରଧାନ, ଝଙ୍କଝକି ସିଆରସିସି କାର୍ତ୍ତିକ ଚନ୍ଦ୍ର ପାଳ, କାଳେହି ସିଆରସିସି ଗୌତମ ବେହେରା, ଦାରୁହା ସିଆରସିସି ତାରାପଦ ପ୍ରଧାନ, ପ୍ରମୁଖ ଯୋଗଦେଇ ଥିଲେ। ପସରବିନ୍ଧା, କଖଡା, ହାଡିଗୋଛିଆ, ଶ୍ରଦ୍ଧାପୁର, ଶଙ୍ଖାରୀ, ଚନ୍ଦନେଶ୍ୱର, ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ୧୦୦ଜଣ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ଭାଗନେଇଥିଲେ। ସିଆରସିସି ଅନୁପମ ସାହୁ, ନୁନା ହେମ୍ବ୍ରମ, ନାଭଡେଶ୍ୱର ମାଝି, ଚନ୍ଦନ କୁମାର ଗିରି ପରିଚାଳନାରେ ସହଯୋଗ କରିଥିଲେ।



## ରାସ୍ତା ନିର୍ମାଣରେ ଦୁର୍ନୀତି

# ହାତ ମାରିଦେଲେ ଉଠିଯାଉଛି ପିଚୁ, କାମ ବନ୍ଦକଲେ ଗ୍ରାମବାସୀ

ଭୋଗରାଇ, ୧୯।୨ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ହେଉଥିବା କମର୍ଦ୍ଦାରୁ ଖଏଦା ଦେଇ ପଶ୍ଚିମବଙ୍ଗକୁ ସଂଲଗ୍ନ କରୁଛି ଏ ରାସ୍ତା। ଏହି ରାସ୍ତା ଉପରେ ୫୦ ହଜାରରୁ ଅଧିକ ଲୋକ ନିର୍ଭର କରିବା ସହିତ ସୀମାନ୍ତ ପଶ୍ଚିମବଙ୍ଗକୁ ଯୋଡୁଥିବାରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଅଟେ। ଦୀର୍ଘଦିନ ଧରି ଏହି ରାସ୍ତାଟି ଖାଲ ଖମା ହୋଇ ପଡ଼ିଥିବାରୁ ବହୁ ଗ୍ରାମବାସୀ ଓ ଅଞ୍ଚଳବାସୀ ସରକାରଙ୍କ ନିକଟରେ ବାରମ୍ବାର ରାସ୍ତା ମରାମତି ପାଇଁ ଦାବି କରିଥିଲେ। ବହୁ ଦାବି ପରେ ୨୦୨୫-୨୬ରେ ଏହାର ଟେଣ୍ଡର ବାହାରି ଥିଲା। ଟେଣ୍ଡରରେ ଠିକାଦାର ସୁବ୍ରତ କୁମାର ପଣ୍ଡା କାର୍ଯ୍ୟାଦେଶ ପାଇଥିଲେ। ୧୫ ଜାନୁଆରୀ ୨୦୨୬ରେ ଠିକା ସଂସ୍ଥା କାର୍ଯ୍ୟ ଆରମ୍ଭ କରିଥିଲେ। ପିଚୁ ରାସ୍ତା ପାଇଁ ୩୩ ଲକ୍ଷ ୯୦ ହଜାର ୧୬୩ ଟଙ୍କା ବ୍ୟୟବରାଦରେ କାମ ଆରମ୍ଭ ହେଇଥିଲା। ଏହି ରାସ୍ତା କାର୍ଯ୍ୟ। କିନ୍ତୁ ରାସ୍ତା ନିର୍ମାଣ କରୁଥିବା ଠିକାଦାର କାମ ଏତେ ନିମ୍ନମାନର କରୁଛନ୍ତି ଯେ ହାତ ମାରିଲେ ରାସ୍ତାରୁ ପିଚୁ ଉଠିଯାଉଛି। ଫଳରେ ଗ୍ରାମବାସୀ ଅନିରୁଦ୍ଧିନ ସାହା, ହରେକୃଷ୍ଣ ଦାସ, ଅଜୟ କୁମାର ଦାସ ଓ ଅନେକ ଗ୍ରାମବାସୀ ରାସ୍ତା କାମକୁ ବନ୍ଦ କରିଛନ୍ତି। ଏଠି ପ୍ରଶ୍ନ ଉଠିଛି ନିମ୍ନମାନର କାର୍ଯ୍ୟକୁ ପ୍ରଶ୍ରୟ ଦେଉଛି କିଏ ? କାର୍ଯ୍ୟ ଚାଲୁଥିବା ବେଳେ କାହିଁକି ଉପସ୍ଥିତ ରହୁନାହାନ୍ତି ବିଭାଗୀୟ ଅଧିକାରୀ ?



ଏ ବାବଦରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୌଭାଗ୍ୟ କୁମାର ଦାସଙ୍କୁ ପଚାରିବାରୁ ସେ ସବୁ କାମ ଠିକ୍ ଅଛି କହି ଠିକାଦାରକୁ ଘଣ୍ଟ ଘୋଡାଇବାକୁ ଚେଷ୍ଟା ଚଳାଇଛନ୍ତି। ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପସରବିନ୍ଧା ସେବା ସମବାୟ ସମିତିର ପ୍ରଥମ ସାଧାରଣ ବୈଠକ

ଚନ୍ଦନେଶ୍ୱର, ୧୯।୨ (ସମିସ) : ସମବାୟ ସମିତି ଲୋକ ମାନଙ୍କର। ଏହା ଲୋକଙ୍କ ଦ୍ୱାରା ପରିଚାଳିତ ହୁଏ। ଗାଁ ଗହଳିର ସାଧାରଣ ଲୋକମାନେ ସେମାନଙ୍କ କଷ୍ଟ ଅର୍ଜିତ ଧନକୁ ସାଇତି ରଖିବା ସହିତ ସୁବିଧା ଅସୁବିଧାରେ ତାକୁ ଉଠାଇ କାମରେ ଲଗାଇ ଉପକୃତ ହୋଇ ପାରିବେ ବୋଲି ଭୋଗରାଇର ପସରବିନ୍ଧା ପଞ୍ଚାୟତ ଅଧୀନ ନୂତନ ସେବା ସମବାୟ ସମତିର ପ୍ରଥମ ସାଧାରଣ ବୈଠକରେ ମତ ପ୍ରକାଶ ପାଇଛି। ପଞ୍ଚାୟତର ଆଉସା ଛକ ନିକଟରେ ଏନେଇ ଆୟୋଜିତ ବୈଠକକୁ ସରପଂଚ ସୁମନ୍ତ କୁମାର ବେହେରା ପୌରୋହିତ୍ୟ କରିଥିଲେ। ଏଥିରେ ଜିଲ୍ଲା କଂଗ୍ରେସ ସଭାପତି ତଥା ବରିଷ୍ଠ ସାମ୍ବାଦିକ ସତ୍ୟଶିବ ଦାସ ଯୋଗଦେଇ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ସରପଞ୍ଚଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହାଛଡା ସମସ୍ତଙ୍କ ସହଯୋଗିତା ଓ ସହଭାଗିତା ରହିଲେ ଏହି ସମିତି ରାଜ୍ୟରେ ଏକ ଶ୍ରେଷ୍ଠ ସ୍ଥାନରେ ପହଞ୍ଚି ପାରିବ ବୋଲି କହିଥିଲେ। ଜିଲ୍ଲା ପରିଷଦ ସଦସ୍ୟା ନିବେଦିତା ମହାନ୍ତି ଏକ ଉତ୍କର୍ଷ ସମବାୟ ସମିତି ଗଠନ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଳାଇ, ସମିତି ସଦସ୍ୟ ଭଗବାନ ରଣା, ଟୁଙ୍ଗୁରୀହାଜିରା ସରପଂଚ ଉପେନ୍ଦ୍ର ନାଥ ସାହୁ, ସମବାୟବିତ ଯତୀନ୍ଦ୍ର ନାଥ ଦାସ, କ୍ଷିତିଶ ଚନ୍ଦ୍ର ପରିଡ଼ା, ଦିଲ୍ଲୀପ ଦାସ, ଶଶାଙ୍କ ଶେଖର ପରିଡ଼ା, ହୃଷିକେଶ ଭୂୟାଁ, ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ସ୍ଥାନୀୟ ସମିତି ସଦସ୍ୟ ପଙ୍କଜ ଜେନା ଧନ୍ୟବାଦ ଦେଇଥିଲେ।



# ଶାନ୍ତିଶୃଙ୍ଖଳାରେ ସରିଲା ପ୍ରଥମ ଦିନ ମାଟ୍ରିକ୍ ପରୀକ୍ଷା





କେନ୍ଦୁଝର, ୧୯।୨(ସମିସ):

କେନ୍ଦୁଝର ଜିଲ୍ଲାରେ ଗୁରୁବାରଠାରୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିନରେ ମାତୃଭାଷା ଓଡ଼ିଆ ପରୀକ୍ଷା ଦେଇଛନ୍ତି ଛାତ୍ରଛାତ୍ରୀ। ଗୁରୁବାର ସକାଳ ୭ଟା ୩୦ରୁ ୮ଟା ୧୫ ପର୍ଯ୍ୟନ୍ତ ଯାଞ୍ଚ ପରେ ଛାତ୍ରଛାତ୍ରୀମାନେ ଧାଡ଼ିରେ ପରୀକ୍ଷା କେନ୍ଦ୍ରକୁ ଯାଇଥିଲେ। ସକାଳ ୯ଟାରେ ପରୀକ୍ଷା ଆରମ୍ଭ ହୋଇ ୧୧ଟା ୩୦ରେ ଶେଷ

## ■ ୧୪୨ କେନ୍ଦ୍ରରେ ୨୪୪୮୦ ଛାତ୍ରଛାତ୍ରୀ ପରୀକ୍ଷା ଦେଲେ
## ■ ୭୯୧ ଅନୁପସ୍ଥିତ, 'ଦାଦନ ଖଟି'ରେ କିଛି ଛାତ୍ରଛାତ୍ରୀ

ହୋଇଥିଲା। ପରୀକ୍ଷାର୍ଥୀମାନେ ପରୀକ୍ଷା ହଲରେ ବସିବା ପରେ ସେମାନଙ୍କୁ ୯ଟାରେ ପ୍ରଶ୍ନପତ୍ର ଦିଆଯାଇଥିଲା। କେନ୍ଦୁଝର ଜିଲ୍ଲାର ୧୪୨ଟି ପରୀକ୍ଷା କେନ୍ଦ୍ରରେ ୪୮୦ଟି ଉଚ୍ଚବିଦ୍ୟାଳୟର ମୋଟ ୨୫ହଜାର ୨୭୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଦିନ ପ୍ରଥମ ଭାଷା ଓଡିଆରେ ୨୪୪୮୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ୭୯୧ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ଅନ୍ୟପକ୍ଷରେ ଜିଲାର ୮୨ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୭୯ ମଧ୍ୟମା ପରୀକ୍ଷା ଦେଇଛନ୍ତି। ୩ ଜଣ ଅନୁପସ୍ଥିତ ରହିଥିଲେ। ସେହିପରି ୩୭୭ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୧୪ ଜଣ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଦେଇଥିବାବେଳେ ୬୩ ଜଣ ଅନୁପସ୍ଥିତ ରହିଥିବା ସୂଚନା ମିଳିଛି।

■ **ବାଲିବନ୍ଧ:** ମାଟ୍ରିକ ପରୀକ୍ଷା ଝୁମ୍ପୁରା ନୋଡାଲ କେନ୍ଦ୍ର ଅଧୀନରେ ଥିବା ୧୨ଟି କେନ୍ଦ୍ରରେ ପ୍ରଥମ ଦିନ ମାତୃଭାଷା ପରୀକ୍ଷା ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ନୋଡାଲ କେନ୍ଦ୍ର ଇନଚାର୍ଜ ପ୍ରଧାନଶିକ୍ଷକ ସୁରେଶଚନ୍ଦ୍ର ମହାନ୍ତଙ୍କ ସୂଚନା ଅନୁସାରେ, ପ୍ରଥମ ଦିନ ପରୀକ୍ଷାରେ ମୋଟ ୬୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ସର୍ବାଧିକ ଉଖୁଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୨ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ବେଳେ ପଳାଶପଙ୍ଗା ଏସବି ନୋଡାଲ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୦ଜଣ, ନହବେଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୮ ଜଣ, ଖୁଣ୍ଟାପଡା ଏବିଏ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୮ଜଣ, ରାଇସୁଆଁ ନୋଡାଲ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୭ ଜଣ, ପଞ୍ଚସଖା ଉଚ୍ଚ ବିଦ୍ୟାଳୟ ଆମୁଣୀ କେନ୍ଦ୍ରରେ ୫ ଜଣ, କାଉଁରୀକଳା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୫ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ଅନ୍ୟ ପରୀକ୍ଷା କେନ୍ଦ୍ରଗୁଡିକ ମଧ୍ୟରୁ ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୪ଜଣ, ପଦ୍ମପୁର ମହାଲକ୍ଷ୍ମୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨ ଜଣ, ମହାଦେଇଯୋଡ଼ା ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨ ଏବଂ ବାଲିବନ୍ଧ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧ଜଣ ସମୁଦାୟ ୬୪ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି।

■ **ଚମ୍ପୁଆ:** ଚମ୍ପୁଆ ବ୍ଲକ ଅଧୀନରେ ଚଳିତ ବର୍ଷ ୧୧ଟି ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ବୋର୍ଡ ପରୀକ୍ଷା ଆରମ୍ଭ ହୋଇଛି। ସର୍ବମୋଟ ୧୮୦୪ ପରୀକ୍ଷାର୍ଥୀ ମଧ୍ୟରୁ ୧୭୫୮ ଜଣ ପରୀକ୍ଷା ଦେଇଥିବା ବେଳେ ୪୬ ଜଣ ଅନୁପସ୍ଥିତ ଥିବା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ସରକାରୀ ଉଚ୍ଚ ବିଦ୍ୟାଳୟ ବାଙ୍କ କେନ୍ଦ୍ରରେ ୧୨୩ ଜଣ, ମହତାବ ଉଚ୍ଚବିଦ୍ୟାଳୟ କେନ୍ଦ୍ରରେ ୧୮୧ ଜଣ, ବାଳିକା ନୋଡାଲ ଉଚ୍ଚ ବିଦ୍ୟାଳୟ କେନ୍ଦ୍ର ଚମ୍ପୁଆରେ ୧୬୭ ଜଣ, ବିକେ ଉଚ୍ଚ ବିଦ୍ୟାଳୟ କରଞ୍ଜିଆ କେନ୍ଦ୍ରରେ ୧୫୭ ଜଣ, ପଞ୍ଚାୟତ ବାଳିକା ଉଚ୍ଚବିଦ୍ୟାଳୟ କରଞ୍ଜିଆ କେନ୍ଦ୍ରରେ ୧୧୫ ଜଣ, କେବି ନୋଡାଲ ଉଚ୍ଚବିଦ୍ୟାଳୟ ଭଣ୍ଡା କେନ୍ଦ୍ରରେ ୧୮୨ ଜଣ, ଟିପଟୋପ ନୋଡାଲ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୭୩ ଜଣ, ସରକାରୀ ଉଚ୍ଚ ବିଦ୍ୟାଳୟ ରିମୁଳି କେନ୍ଦ୍ରରେ ୧୪୦, କାଳିକାପ୍ରସାଦ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୩୦ ଜଣ, ଜ୍ୟୋତିପୁର ନୋଡାଲ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୧୫୪ ଜଣ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଚମ୍ପୁଆ କେନ୍ଦ୍ରରେ ୨୮୨ ଜଣଙ୍କୁ ମିଶାଇ ସର୍ବ ମୋଟ ୧୮୦୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ସେଥିମଧ୍ୟରୁ ୧୭୫୮ ଜଣ ପରୀକ୍ଷା ଦେଇଥିବା ଏବଂ ୪୬ ଜଣ ଅନୁପସ୍ଥିତ ଥିବା ବ୍ଲକ ଶିକ୍ଷାଧିକାରୀ କ୍ଷେତ୍ରମୋହନ ହାଁସଦା ସୂଚନା ଦେଇଛନ୍ତି।

■ **ତୁରୁମୁଙ୍ଗା:** ପାଟଣା ବ୍ଲକ୍‌ର ୧୨ଟି ପରୀକ୍ଷା କେନ୍ଦ୍ରରେ ୧୦୦ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ବେଳେ ସାହାରପଡ଼ା ବ୍ଲକର ୯ଟି ପରୀକ୍ଷା କେନ୍ଦ୍ରରେ ୬୨ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ପାଟଣା ବ୍ଲକର ଟାଙ୍ଗରପଡା ପରୀକ୍ଷା କେନ୍ଦ୍ରରେ ୧୩ ଜଣ, ଡିବି ହାଇସ୍କୁଲ ତୁରୁମୁଙ୍ଗାରେ ୫ ଜଣ, ପଞ୍ଚାୟତ ନୋଡାଲ ହାଇସ୍କୁଲରେ ୧୩ ଜଣ, ରାଜନଗର ନୋଡ଼ାଲ ହାଇସ୍କୁଲରେ ୧୫ ଜଣ, ଏବିସିଡିଆର ଅଙ୍ଗିକଳା ପରୀକ୍ଷା କେନ୍ଦ୍ରରେ ୬ ଜଣ, ଜନତା ହାଇସ୍କୁଲ ମଲ୍ଲୀପଶି ପରୀକ୍ଷାକେନ୍ଦ୍ରରେ ୮ ଜଣ, ଜିଏନ ହାଇସ୍କୁଲ ସ୍ୱାମପାଟଣା ପରୀକ୍ଷା କେନ୍ଦ୍ରରେ ୧୦ ଜଣ, ମୁରୁସୁଆଁ ନୋଡାଲ ହାଇସ୍କୁଲରେ ୪ ଜଣ, ବାଉଁଶୁଳି ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୫ ଜଣ, ଖିରେଇଟାଙ୍ଗିରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୩ ଜଣ ଏବଂ ଡୁମୁରିଆ ପରୀକ୍ଷା କେନ୍ଦ୍ରରେ ୫ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଛନ୍ତି। ସେହିପରି ସାହାରପଡା ବ୍ଲକର ବିଲା ବିଆର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୦ ଜଣ, ଦିଗିପଶି ପରୀକ୍ଷା କେନ୍ଦ୍ରରେ ୬ ଜଣ, ଦ୍ରୌପଦୀ ହାଇସ୍କୁଲ ବଡ଼ବିଲ ପରୀକ୍ଷା କେନ୍ଦ୍ରରେ ୩ ଜଣ, ଗୋଜାପଥର ପରୀକ୍ଷା କେନ୍ଦ୍ରରେ ୧୦ ଜଣ, ଯାମୁଦା ପିଏମ୍‌ଶ୍ରୀ ପରୀକ୍ଷା କେନ୍ଦ୍ରରେ ୭ ଜଣ, ଖଜୁରୀଡିହା ପରୀକ୍ଷା କେନ୍ଦ୍ରରେ ୨ ଜଣ, ମାଛଗଡ଼ରେ ୯ ଜଣ, ସାହାରପଡ଼ା ପରୀକ୍ଷା କେନ୍ଦ୍ରରେ ୧୨ ଜଣ, ଉଦୟପୁର ପରୀକ୍ଷା କେନ୍ଦ୍ରରେ ୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ଦୁଇ ବ୍ଲକରେ ପରୀକ୍ଷାର୍ଥୀ ଙ୍କ ଅନୁପସ୍ଥିତି କାରଣ ଜଣା ପଡି ନଥିବା ବେଳେ ସାହାରପଡା ବ୍ଲକରେ ଅନୁପସ୍ଥିତ ପରୀକ୍ଷାର୍ଥୀଙ୍କ ମଧ୍ୟରୁ କିଛି ପରୀକ୍ଷାର୍ଥୀ ଫର୍ମ ପୂରଣ କରିବା ପରେ ପାରିବାରିକ ଆର୍ଥିକ ସଙ୍କଟ ଯୋଗୁଁ ବାହାର ରାଜ୍ୟକୁ ଦାଦନ ଖଟି ଯାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି।

## କଣ୍ଟିପାଳ କେନ୍ଦ୍ରରେ ଅନିୟମିତତା ଅଭିଯୋଗ




ଆନନ୍ଦପୁର, ୧୯।୨ (ସମିସ): ଆନନ୍ଦପୁର ବ୍ଲକ କଣ୍ଟିପାଳ ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟର ପରୀକ୍ଷା କେନ୍ଦ୍ରରେ ଦଶମ ବୋର୍ଡ ମାଟ୍ରିକ ପରୀକ୍ଷାରେ ଅନିୟମିତତା ଅଭିଯୋଗ ହୋଇଛି। ଉକ୍ତ ପରୀକ୍ଷା କେନ୍ଦ୍ରରେ ଜଂଘାର ପାତାଳଶୁଣି ଉଚ୍ଚବିଦ୍ୟାଳୟ, ସତ୍ୟନାରାୟଣ ବାଳିକା ଉଚ୍ଚବିଦ୍ୟାଳୟ ଏବଂ ବାଉଁଶଗଡ ଉଚ୍ଚ ବିଦ୍ୟାଳୟର ୧୨୭ ଜଣ ପରୀକ୍ଷା ଦେଉଛନ୍ତି। ଏହି କେନ୍ଦ୍ରରେ ବାଉଁଶଗଡ଼ ସ୍କୁଲ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ବେଳେ ସେହି ସ୍କୁଲର କର୍ମଚାରୀ ଯୁଗଳ କିଶୋର ନାଏକ କିପରି ପରୀକ୍ଷା କାର୍ଯ୍ୟରେ ନିୟୋଜିତ ହେଲେ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ବିଷୟରେ ପରୀକ୍ଷା ପରିଚାଳକଙ୍କ ସହ ଫୋନ ଜରିଆରେ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ପ୍ରତିକ୍ରିୟା ମିଳିନାହିଁ। ଫଳରେ ସଂପୃକ୍ତ ଅଞ୍ଚଳରେ ଏହି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

## ଲ୍ୟାମ୍ପସରେ ଅବ୍ୟବସ୍ଥା ଖବର ପ୍ରକାଶ ପରେ ଯାଞ୍ଚ

● ଧାନ ସଂଗ୍ରହ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ



'ସକାଳ' ପ୍ରଭାବ

ରାଇରଙ୍ଗପୁର, ୧୯।୨(ସମିସ): ରାଇରଙ୍ଗପୁର ଧାନ ମଣ୍ଡିରେ ମିଲରଙ୍କ ମନମାନି ଚାଲିଛି। ଯାହାକୁ ନେଇ ଚାଷୀ ଧାନ ବିକିବାକୁ ଆସି ମଣ୍ଡି ଅବ୍ୟବସ୍ଥା ଘେରରେ ଧନ୍ଦୀ ହେଉଛନ୍ତି। ଏ ନେଇ 'ସକାଳ' ଖବରକାଗଜରେ ଖବର ପ୍ରସାରଣ ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ରାଇରଙ୍ଗପୁର ତହସିଲଦାର ବିଶ୍ୱନାଥ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ ଅନୁଧ୍ୟାନ କରିଛନ୍ତି। ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଏମଡି ସବୁ ଜାଣି ନିରବଦ୍ରଷ୍ଟା ସାଜିଛନ୍ତି।

ରାଇରଙ୍ଗପୁର ଲ୍ୟାମ୍ପସ ବାହାରେ ଶହ ଶହ ବସ୍ତା ଧାନ ପଡିରହିଥିବାବେଳେ ଉଠା ଯାଉନାହିଁ। ଧାନ ବିକିବାକୁ ଆସି ଚାଷୀ ଭୋରୁ ଆସି ରାତି ପର୍ଯ୍ୟନ୍ତ ଭୋକ ଉପାସରେ ମଣ୍ଡିରେ ପଡ଼ିରହୁଛନ୍ତି। ଟୋକନ ସମୟ ସରିଯିବାକୁ ଥିବା ବେଳେ ଉକ୍ତ ମଣ୍ଡିରେ ଧାନ ବିକ୍ରୟ କରିବା ସମ୍ଭବ ହେଉନାହିଁ। ଏନେଇ ଖବର ପ୍ରକାଶ ପାଇବା ପରେ ଅନୁଧ୍ୟାନ କରାଯାଇଛି। ସମସ୍ୟା ନେଇ ବାବଦ ଜାଣିବା ପରେ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଧାନ ବସ୍ତା ସଂଗ୍ରହ କରି ନେବାକୁ ତୁରନ୍ତ ଅଧିକ ଗାଡି ଓ ଶ୍ରମିକ ବ୍ୟବସ୍ଥା କରିବାକୁ ଧାନ ମିଲର ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।କାର୍ଯ୍ୟକୁ ତ୍ୱରାନ୍ୱିତ କରି ଜଲଦି ଧାନ ସଂଗ୍ରହ କରନ୍ତୁ। ଧାନ ସଂଗ୍ରହ ନିମନ୍ତେ ଶ୍ରମିକ ଅଭାବ ପାଇଁ ଏହିପରି ସମସ୍ୟା ହେଉଛି ବୋଲି ଲ୍ୟାମ୍ପ ଏମଡି କହିଛନ୍ତି। ତେବେ ରାଇରଙ୍ଗପୁର ଲ୍ୟାମ୍ପକୁ ସହାୟତା କରିବା ପାଇଁ ଗୁହାଳଡାଙ୍ଗରି ଏମଡିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଗକୁ ଏହିପରି ସମସ୍ୟା ସୃଷ୍ଟି ନକରିବାକୁ କଡା ତାଗିଦ କରିଛନ୍ତି।

## ମୟୂରଭଞ୍ଜ କଂଗ୍ରେସ(ପୂର୍ବ) ସାଂଗଠନିକ ଜିଲ୍ଲା ବୈଠକ



ବାରିପଦା, ୧୯।୨(ସମିସ): ମୟୂରଭଞ୍ଜ କଂଗ୍ରେସର(ପୂର୍ବ) ସାଙ୍ଗଠନିକ ଜିଲ୍ଲା ବୈଠକ ସ୍ଥାନୀୟ ସରକାରୀ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନର ରାଜ୍ୟ ଅଧ୍ୟକ୍ଷ ସୁଦର୍ଶନ ଦାସ ମୁଖ୍ୟଅତିଥି ଭାବେ ଯୋଗଦାନ କରି ପଞ୍ଚାୟତରାଜ ବ୍ୟବସ୍ଥାକୁ ବିଜେପି ସରକାର କିପରି ଦୁର୍ବଳ କରୁଛି, ସେ ବିଷୟରେ ଉପସ୍ଥିତ କର୍ମୀଙ୍କୁ ଉଦବୋଧନ ଦେବା ସହିତ ମନରେଗା ଯୋଜନାକୁ ନାମ ପରିବର୍ତ୍ତନ କରି ମହାତ୍ମାଗାନ୍ଧୀଙ୍କ ପ୍ରତି ଯେଉ ଅନ୍ୟାୟ ହୋଇଛି, ଆଗାମୀ ଦିନରେ ମହାତ୍ମାଗାନ୍ଧୀଙ୍କ ବିଚାରଧାରାକୁ ନେଇ ଲୋକଙ୍କୁ ସଚେତନ କରିବା ସହିତ ମନରେଗା ବଞ୍ଚାଓ ଅଭିଯାନ ଆରମ୍ଭ କରାଯିବ ସହିତ ଆନ୍ଦୋଳନ କରାଯିବା ସହିତ ସରକାରର ବ୍ୟବସ୍ଥା ବିରୋଧରେ ଲଢେଇ କରାଯିବ ବୋଲି କହିଛନ୍ତି। ଏହି ସାଙ୍ଗଠନିକ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଏସଟି ସେଲ ରାଜ୍ୟ ଉପାଧ୍ୟକ୍ଷ ଚୈତନ୍ୟ ହାଁସଦା, ଏସି ସେଲ ସଭାନେତ୍ରୀ ସସ୍ମିତା ବେହେରା, ସରୋଜ ସାହୁ, ସଂଜୀବ ପଣ୍ଡା, ମାଧବୀ ସେନାପତି, ପିସିସି ସଭ୍ୟ ନାରାୟଣ ପଟ୍ଟନାୟକ, ଅଂଶୁମାନ ଦାସ, ଦୀପକ ଦାସ, ଶାନ୍ତନୁ ପାଲ, ପ୍ରଦୀପ ଦାସ, ସତ୍ୟକାମ ସେନାପତି, ସୁନିତା ନାୟକ, ଅଶୋକ ଗିରି, ସବିତା ସୋରେନ, ଗୌରୀ ନାୟକ, ନିର୍ମଳ ପ୍ରଧାନ, ସୁନାରାମ ସୋରେନ, ରବୀନ୍ଦ୍ର ଗିରି ଉପସ୍ଥିତ ଥିଲେ। ରାଜ୍ୟ ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନର ସମ୍ପାଦକ ମୀନକେତନ ବେହେରା ସଭାପତିତ୍ୱ କରି ସଭା ପରିଚାଳନା କରିଥିଲେ।

## ଦୁର୍ଘଟଣାଗ୍ରସ୍ତ ପରିବାରକୁ କ୍ଷତିପୂରଣ ପ୍ରଦାନ

ବାରିପଦା/ରାଇରଙ୍ଗପୁର, ୧୯।୨(ସମିସ): ରାଇରଙ୍ଗପୁର ଥାନା ଅନ୍ତର୍ଗତ ଶଙ୍ଖାଳାଡି ଗ୍ରାମର ସୁମିତ୍ରା ମହାନ୍ତ ୨୦୨୩ ଅକ୍ଟୋବର ୨୦ ତାରିଖରେ ପିକଅପ୍ ଭ୍ୟାନ ଧକ୍କାରେ ମୃତ୍ୟୁବରଣ କରିଥିଲେ। ଏହି ଘଟଣାରେ ବାରିପଦା ଜିଲ୍ଲା ଜଜ ସୁଦୀପ୍ତ ଆଚାର୍ଯ୍ୟ ବିଚାର କରି ଫୁଚର ଇନ୍‌ସ୍ୟୁରାନ୍ସ କମ୍ପାନୀକୁ ୧୩ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଆଦେଶ ଦେଇଛନ୍ତି। ଯାହାକି ଏହି ମଟର ଦୁର୍ଘଟଣା କ୍ଷତିପୂରଣ କେସ ନଂ୨୭/୨୪ ଅଟେ। ମାମଲାକୁ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ରଣଜିତ ଦାସ ଓ ଇନ୍‌ସ୍ୟୁରାନ୍ସ କମ୍ପାନୀ ପକ୍ଷରୁ ଆଇନଜୀବୀ ବିଦ୍ୟୁତ କୁମାର ମହାନ୍ତି ପରିଚାଳନା କରୁଥିଲେ।

## ଶୁଖିଗଲା ସୋନ ନଦୀ

ଉଦଳା,୧୯।୨(ସମିସ): କେହି କିଛି ବୁଝିବା ଓ ଦେଖିବା ପୂର୍ବରୁ ଧୀରେ ଧୀରେ ଶୁଖିଗଲା ସୋନ ନଦୀର କିଛି ଅଂଶ। ଉଦଳା ବ୍ଲକ କୋଚିଲାଡିହା ଓ ଜୟପୁର ପଞ୍ଚାୟତ ମଝିରେ ଥିବା ସୋନ ନଦୀ ସମ୍ପୂର୍ଣ୍ଣ ଶୁଖିଯାଇଛି। ନଦୀ ଶୁଖିବା ପରେ ସ୍ଥାନୀୟ ଲୋକେ ଜାଲ ଧରି ମାଛ ଧରିବାରେ ବ୍ୟସ୍ତ। ଏମିତି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଏକ କୌତୁହଳ ବାତାବରଣ ସୃଷ୍ଟି ହୋଇଛି। ସବୁଦିନ ଭଳି ନଦୀରେ ପାଣି ଚାଲିଥିବାବେଳେ ଆଜି ଏକ ଅଜବ ଦୃଶ୍ୟ ଦେଖିବାକୁ ମିଳିଥିଲା। କିଛି ସମୟ ଭିତରେ ହଠାତ ପାଣି ଶୁଖି ବାଲି ଦେଖାଯାଇଥିଲା। ପାଣି ନଥିବାରୁ ମାଛ ମଧ୍ୟ ବାଲିରେ ପଡିଥିବା ଦେଖି ଲୋକଙ୍କ ଗହଳି ଲାଗିଯାଇଥିଲା। ଜୀବିନଗର ବ୍ଲକରେ ଚାଲିଥିବା ମେଗା ପାନୀୟଜଳ ପ୍ରକଳ୍ପର ଟେଷ୍ଟିଂ ପାଇଁ ଜଇଦା ପାଖରେ ନଦୀକୁ ବନ୍ଦ କରିଦିଆଯାଇଥିଲା। ଯାହାକି ଜଇଦାରୁ ଜୟପୁର ପର୍ଯ୍ୟନ୍ତ ନଦୀରେ ଥିବା ପାଣି ଶୁଖିଯାଇଥିଲା । ଫଳରେ ସ୍ଥାନୀୟ ଲୋକେ ନଦୀରେ ମାଛ ଧରିବାବାରେ ବ୍ୟସ୍ତ ଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



ଯୋଡ଼ା, ୧୯।୨(ସମିସ): ଯୋଡ଼ା ଅଞ୍ଚଳରେ ମିନି ଅପା ଭାବେ ବେଶ ପରିଚିତ ଜଣେ ଧର୍ମପ୍ରାଣ ମହିଳା ମିନାକ୍ଷୀ ମହାନ୍ତି (୭୪)ଙ୍କ ପରଲୋକ ହୋଇଯାଇଛି। ଯୋଡ଼ାସ୍ଥିତ ନିଗମାନନ୍ଦ ମନ୍ଦିରର ସେ ଜଣେ ପୃଷ୍ଠପୋଷାକ ଥିଲେ। ତାଙ୍କ ପ୍ରଚେଷ୍ଟାରେ ଯୋଡ଼ା ସହରରେ ଶହ ଶହ ଭକ୍ତ ଶ୍ରୀ ଶ୍ରୀ ନିଗମାନନ୍ଦଙ୍କ ଆଶ୍ରିତ ହୋଇ ପାରିଥିଲେ। ସେ କଟକ ବନ୍ଧୁ ଘରକୁ ଯାଇଥିବାବେଳେ ଗତକାଲି ହଠାତ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ଡାକ୍ତରଖାନାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ଅନ୍ତିମ ସଂସ୍କାର କରାଯାଇଛି। ବାରିପଦାଠାରେ ନିଗମାନନ୍ଦଙ୍କ ସମ୍ମିଳନୀରେ ଘଟିଥିବା ଅଗ୍ନିକାଣ୍ଡରେ ତାଙ୍କ ସ୍ୱାମୀ ବରଦାକାନ୍ତଙ୍କ ମଧ ଦେହାନ୍ତ ଘଟିଥିଲା। ସେ ଯୋଡ଼ାସ୍ଥିତ ନଭରଙ୍ଗ ହୋଟେଲ, କମଲ ହୋଟେଲର ପ୍ରତିଷ୍ଠାତା ଥିଲେ। ମିନାକ୍ଷୀଙ୍କ ମୃତ୍ୟୁରେ ଯୋଡ଼ାରେ ଶୋକର ଛାୟା ଖେଳିଯାଇଛି।

## ବଢ଼ିଲା ଇଗ୍‌ନୋର ନାମଲେଖା ଅବଧି

ରାଇରଙ୍ଗପୁର,୧୯।୨ (ସମିସ): ଇନ୍ଦିରା ଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍‌ନୋ)ର ନାମଲେଖା ଅବଧି ବୃଦ୍ଧି ହୋଇଛି। ଏହା ଫେବୃଆରୀ ୨୮ ତାରିଖକୁ ବୃଦ୍ଧି କରାଯାଇଛି। ବିଭିନ୍ନ ବର୍ଗର ଲୋକଙ୍କ ଆବଶ୍ୟକତାକୁ ଅନୁଧ୍ୟାନ କରି ଇଗ୍‌ନୁ କର୍ତ୍ତୃପକ୍ଷ ଜାନୁଆରୀ ୨୦୨୬ ଶିକ୍ଷାସତ୍ର ପାଇଁ ନାମଲେଖା ଅବଧି ଓ ପୁନଃ ପଞ୍ଜୀକରଣ ସମୟାବଧିକୁ ବୃଦ୍ଧି କରିଛନ୍ତି। ପୁନଃ ପଞ୍ଜୀକରଣ ପାଇଁ ଅତିରିକ୍ତ ୨୦୦ ଟଙ୍କା ବିଳମ୍ବ ଶୁଳ୍କ ଦେବାକୁ ହେବ। ଆଗ୍ରହୀ ଛାତ୍ରଛାତ୍ରୀ ବିଭିନ୍ନ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଇଗ୍‌ନୁର ୱେବସାଇଟ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ଡଟ୍ ଇଗ୍‌ନୁ.ଏସି.ଇନକୁ ଅନୁସରଣ କରିପାରିବେ। ନାମ ଲେଖାଇବା ପାଇଁ ଆବେଦନ କରିବା ଲିଙ୍କ ହେଲା ଏଚ୍‌ଟିଟିପିଏ୍://ଇଗ୍‌ନୁ ଆଡ୍‌ମିନସନ. ସମର୍ଥ. ଏଡୁ.ଇନୋ। ଅଣ୍ଡର ଗ୍ରାଜୁଏଟ ପ୍ରୋଗ୍ରାମରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖା ଦେୟ ଓ ପୁନଃ ପଞ୍ଜୀକରଣ ଦେୟ ୫୦ ପ୍ରତିଶତ ଛାଡ଼ କରାଯାଇଛି। ତେବେ ଯେଉଁ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀ ଯଦି ଅନ୍ୟକୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିବେ, ତେବେ ସେମାନେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ। ସମ୍ପୂର୍ଣ୍ଣ ପ୍ରସ୍ପେକ୍ଟସ୍ ସିଧାସଳଖ ଇଗ୍ନୋ ୱେବସାଇଟରୁ ଡାଉନଲୋଡ କରାଯାଇପାରିବ।

## ଅଲଚିକି ଲିପି ଶତବାର୍ଷିକୀ ଉତ୍ସବ



ରାଇରଙ୍ଗପୁର,୧୯।୨(ସମିସ): ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଅଲଚିକି ଲିପି ଶତବାର୍ଷିକୀ ଉତ୍ସବ ନୂଆଦିଲ୍ଲୀସ୍ଥ ଡ. ଭୀମରାଓ ଆମ୍ବେଦକର ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଅବସରରେ ଅଲଚିକି ଲିପିର ଉଦ୍ଭାବକ ଗୁରୁଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମ୍ମାନାର୍ଥେ ଭାରତ ସରକାରଙ୍କ ଦ୍ୱାରା ଏକ ଟଙ୍କା ମୁଦ୍ରା ଓ ଡାକ ଟିକଟ ଉନ୍ମୋଚନ କରାଯାଇଥିଲା। ପ୍ରଚାରପ୍ରସାର ସହିତ ଶିକ୍ଷାକୁ ବଞ୍ଚାଇ ରଖିଥିବା ୧୦ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମନୋରଞ୍ଜନ ମୁର୍ମୁ, ମଦନମୋହନ ବାସ୍କେ, ଅଧ୍ୟାପକ ମୋଚିରାମ ସୋରେନ, ଦାନଗୀ ମୁର୍ମୁ, ପ୍ରଫେସର ରମେଶ ଚନ୍ଦ୍ର ହାଁସଦା, ମଙ୍ଗାତ ମୁର୍ମୁ, ଦାକ୍ଷୀନ ମୁର୍ମୁ, ଡଃ ରଜନୀ କାନ୍ତ ମାଣ୍ଡି, ଆର୍ ଅଶ୍ୱିନୀ ବ୍ୟଞ୍ଜନ ମୁର୍ମୁ, ବିଶ୍ୱନାଥ ମୁର୍ମୁ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସ୍କୃତି ମନ୍ତ୍ରୀ ଗୋଜେନ୍ଦ୍ର ସିଂ ଶେଖାୱତ, ଆଦିବାସୀ କଲ୍ୟାଣ ବିଭାଗ ମନ୍ତ୍ରୀ ଜୁଏଲ ଓରାମ ଯୋଗ ଦେଇଥିଲେ।

### ଜମିପଟ୍ଟାରେ ଭୁଲ ରେକର୍ଡଭୁକ୍ତ ଜାତି ସଂଶୋଧନ ଦାବି

## ନିଖିଳ ଓଡ଼ିଶା ଆଦିବାସୀ ମହାସଂଘ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର

ବାରିପଦା,୧୯।୨(ସମିସ):



ଜମିପଟ୍ଟାରେ ଭୁଲ୍ ରେକର୍ଡଭୁକ୍ତ ଜାତି ସଂଶୋଧନ ପାଇଁ ନିଖିଳ ଓଡ଼ିଶା ଆଦିବାସୀ ବିନ୍ଧାଣୀ ଓ ଲୋହାରସ ସମ୍ପ୍ରଦାୟ ଉନ୍ନୟନ ମହାସଂଘ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶାର ଆଦିବାସୀ ବହୁଳ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ବାଲେଶ୍ୱର ସମେତ ବିଭିନ୍ନ ଆଦିବାସୀ ବହୁଳ ଜିଲ୍ଲାରେ ବସବାସ କରୁଥିବା କୋଲ/କୋହ୍ଲ ଲୋହାରସ, ମୁଣ୍ଡା ଲୋହାର, ଠାରୁଆ ବିନ୍ଧାଣୀ ଜନଜାତି ସଂପ୍ରଦାୟର ହୋଇଥିଲେ ହେଁ ଜମିପଟ୍ଟାରେ ଭୁଲ ଜାତି ରେକର୍ଡଭୁକ୍ତ ପାଇଁ ନିଜର ଜନ୍ମଗତ ଅଧିକାରରୁ ବଞ୍ଚିତ ରହିଆସୁଛନ୍ତି ଜନଜାତି ସଂପ୍ରଦାୟର ଉପରୋକ୍ତ ଆଦିବାସୀ। ଏମାନଙ୍କର ସରଜମିନ ତଦନ୍ତ ପୂର୍ବକ ଜମିପଟ୍ଟା ସଂଶୋଧନ ପାଇଁ ଅତିରିକ୍ତ ଜିଲ୍ଲାପାଳ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ଏହି ପରିପ୍ରେକ୍ଷୀରେ ଜିଲ୍ଲାର ୨୬ ଜଣ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି। ମହାସଂଘର ମୟୂରଭଞ୍ଜ ଜିଲ୍ଲା ସଭାପତି ସଚିନ୍ଦ୍ର ନାଥ ମୁଣ୍ଡାଲୋହାରୀ ଓ କାର୍ଯ୍ୟକାରୀ ସଭାପତି ଗୁରୁଭା ମୁଣ୍ଡାଲୋହାର ନେତୃତ୍ୱରେ ତହସିଲ ମୁଖ୍ୟ ଉପଦେଷ୍ଟା, ସଭାପତି, ସମ୍ପାଦକ, ଉପଦେଷ୍ଟା, କୋଷାଧକ୍ଷଙ୍କ ସହ ମହାସଂଘର କାର୍ଯ୍ୟକର୍ତ୍ତା ଓ ୧୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ତହସିଲଦାରଙ୍କୁ ଏହି ଦାବିପତ୍ର ପ୍ରଦାନ କରୁଛନ୍ତି।

ମହାସଂଘର ଦାବି ମୁତାବକ କୋଲ/କୋହ୍ଲ ଲୋହାର୍ସ, ମୁଣ୍ଡା ଲୋହାର ଓ ଠାରୁଆ ବିନ୍ଧାଣୀ ଜନଜାତି ସଂପ୍ରଦାୟ ହୋଇଥିବାବେଳେ ସରକାରଙ୍କ ପକ୍ଷରୁ ଚକବନ୍ଦୀ ବନ୍ଦୋବସ୍ତ ସମୟରେ ସେମାନଙ୍କର ଭାଷା, ସଂସ୍କୃତି, ପରମ୍ପରା, ଚାଲିଚଳଣୀ, ସାମାଜିକ ରୀତିନୀତି, ଜୀବନ ଜୀବିକା, ଜୀବନ ଶୈଳୀକୁ ସରଜମିନ ତଦନ୍ତ ପୂର୍ବକ ସଠିକ ଭାବେ ଅନୁଧ୍ୟାନ ନ କରି ବୃତ୍ତିଗତ ସଂଜ୍ଞାକୁ ଆଧାର କରି ଅନ୍ୟ କଥାରେ ପ୍ରଭାବିତ ହୋଇ ଜମିପଟ୍ଟାରେ ଅସଂଗତ ଜାତିକୁ ରେକର୍ଡଭୁକ୍ତ କରି ଦିଆଯାଇଥିଲା। ପ୍ରଶାସନ ପକ୍ଷରୁ ଚକବନ୍ଦୀ ବନ୍ଦୋବସ୍ତ ସମୟରେ ଜମିପଟ୍ଟାରେ ମହୁଆ, ପେଣ୍ଟିଆ, ଝାଡୁଆ, ଚାପୁଆ ବିନ୍ଧାଣୀ, ବିନ୍ଧାଣୀ, ଝାଡୁଆ ବିନ୍ଧାଣୀ, ସାନ୍ତାଳ କମାର, କମାର, ମୁଣ୍ଡାକମାର, ଲୋହାରମୁଣ୍ଡା, କୋହ୍ଲ ଲୋହାର, କୁଲହାର ଭଳି ତ୍ରୁଟିପୂର୍ଣ୍ଣ ଜାତି ରେକର୍ଡଭୁକ୍ତ କରିଛନ୍ତି। ଯଦ୍ୱାରା ସ୍ୱାଧୀନତାର ୭୮ ବର୍ଷ ପରେ ମଧ ଜନଜାତି ସଂପ୍ରଦାୟର ଏହି ଅଧିବାସୀ ନିଜର ଜନ୍ମଗତ ଅଧିକାରରୁ ବଞ୍ଚିତ ହୋଇ ରହିଆସୁଥିବାବେଳେ ନିଜର ଜାତି ଓ ସଂପ୍ରଦାୟ ପାଇଁ ସେମାନେ ସଂଘର୍ଷ କରୁଛନ୍ତି। ଏ ନେଇ ସଂପ୍ରଦାୟର ନାର୍ଯ୍ୟ ଅଧିକାର ପାଇଁ ସଂଘର୍ଷ ଜାରି ରଖିଥିବା ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବାପରେ ପୁନର୍ବାର ସରଜମିନ ତଦନ୍ତ ପୂର୍ବକ ଜମିପଟ୍ଟାରେ ରେକର୍ଡଭୁକ୍ତ ଥିବା ତ୍ରୁଟିପୂର୍ଣ୍ଣ ଜାତିକୁ ସଂଶୋଧନ କରିବାକୁ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ ଚିଠି ସଂଖ୍ୟା ୪୩୨ (ତା.୩୦/୦୧/୨୦୨୬)ରିଖରେ ଜିଲ୍ଲାରେ ଥିବା ସମସ୍ତ ତହସିଲଦାରଙ୍କୁ ଏଭଳି ଏକ ସମ୍ବେଦନଶୀଳ ତଥା ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ପୁନର୍ବାର ସରଜମିନ ତଦନ୍ତ ପୂର୍ବକ ସଂଶୋଧନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସରଜମିନ ତଦନ୍ତ ସମୟରେ ଜନଜାତି ସଂପ୍ରଦାୟର ଏହି ଅଧିବାସୀଙ୍କ ପରାମ୍ପାରିକ ଜୀବନ ଜୀବିକା, ବୃତ୍ତି, ସାମାଜିକ ଚଳଣୀ, ସାମାଜିକ ମାନ୍ୟତା ଓ ଜାତି ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ସମୀକ୍ଷା କରି ସବିସ୍ତୃତ ରିପୋର୍ଟ ନିର୍ଦ୍ଦେଶ ନାମାର ଜାରି ନ କରାଯିବାର ୧୫ ଦିନ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି।


**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର, ବି/୨ ପଶ୍ଚିମ,ସହୀଦ ନଗର, ଭୁବନେଶ୍ୱର - ୭୫୧୦୦୭,
ଫୋନ୍ ନଂ.: ୦୬୭୪-୨୫୪୦୦୩୨ / ୨୫୪୪୧୭୧, ଇ-ମେଲ୍ : 0815samd@iob.in

**ଦଖଲ ନୋଟିସ୍**

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ କଥିତ ରୁଲ ୮ର ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ ୨୦୦୨ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ**

ନିମ୍ନସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨) ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ରଣଗ୍ରହୀତାଙ୍କୁ ନିମ୍ନ ଦର୍ଶିତ ତାରିଖରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ନିମ୍ନଲିଖିତ ଅର୍ଥ ରାଶି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ରଣଗ୍ରହୀତା ତାଙ୍କର ରଣ ପରିଶୋଧ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ରଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୧୩ର ଉପଧାରା (୪) ସହିତ କଥିତ ରୁଲ ୮ ଅନୁସାରେ ନିମ୍ନ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନ ଦର୍ଶିତ ତାରିଖରେ **ଦଖଲ** କୁ ନେଇଛନ୍ତି। ତେଣୁ ବିଶେଷ କରି ରଣଗ୍ରହୀତା / ଜାମିନଦାର / ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସେହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନରେ ଦିଆଯାଇଥିବା ବକେୟା ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ପାଇଁ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ରଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉ ଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଦଶରଥପୁର ଶାଖା / ରଣଗ୍ରହୀତା / ବନ୍ଧକଦାତା / ଜାମିନଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେବାକୁ ଥିବା ଦେୟ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ବନ୍ଧକ ସମ୍ପତ୍ତିର ସବିଶେଷ ବିବରଣୀ |
|---|---|---|---|
| ରଣଗ୍ରହୀତା / ବନ୍ଧକଦାତା / ଜାମିନ୍‌ଦାର ମାନେ : ମେସର୍ସ **ବାଦଶାହ ରେଷ୍ଟୁରାଣ୍ଟ,** ସା : ଓଡେଇ, ଦଶରଥପୁର, ଖାତା ନଂ.: ୩୩୪, ପ୍ଲଟ ନଂ.: ୧୭୮୩, ଯାଜପୁର, ଓଡ଼ିଶା - ୭୫୫୦୦୬ / **ସ୍ୱତ୍ୱାଧିକାରୀ : ଶ୍ରୀ ଧର୍ମରାଜ ଧୀର,** ପି : ବାବୁଲି ଧୀର, ଗ୍ରାମ : ଦଶରଥପୁର, ପୋ : ଦଶରଥପୁର, ଥାନା : ମଙ୍ଗଳପୁର, ଜିଲ୍ଲା : ଯାଜପୁର, ଓଡ଼ିଶା - ୭୫୫୦୦୬ | ତା ୩୦.୦୭.୨୦୨୫ ସୁଦ୍ଧା ଟ.୨୦,୫୨,୫୦୩.୯୦ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିଭିତ୍ତିକ ହାରରେ ପରବର୍ତ୍ତୀ ସୁଧ, ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୩୦.୦୭.୨୦୨୫ / ୧୭.୦୨.୨୦୨୬ | **ଶ୍ରୀ ଧର୍ମରାଜ ଧୀର**ଙ୍କ ନାମରେ ଥିବା ବାସପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୮୩, ଖାତା ନଂ .: ୩୩୪, କ୍ଷେତ୍ର : ଏକର ୦.୧୬୦୦ ଡ଼ିସିମିଲି, ମୌଜା : ଓଡେଇ, ତହସିଲ : ଦଶରଥପୁର, ଥାନା : ମଙ୍ଗଳପୁର, ଜିଲ୍ଲା : ଯାଜପୁର, ଓଡ଼ିଶା - ୭୫୫୦୦୬, ଏହାର ଚାରିପାର୍ଶ୍ୱରେ ଉତ୍ତର : |

ପ୍ଲଟ୍ ନଂ .:୧୭୮୫ (ରାସ୍ତା, ମାଲିକ : ସର୍ବସାଧାରଣ), ଦକ୍ଷିଣ : ପ୍ଲଟ୍ ନଂ .: ୧୭୮୨ (ଗୋପୀନାଥ ବାରିକ), ପୂର୍ବ : ପ୍ଲଟ୍ ନଂ.: ୧୭୮୪ (ପୂର୍ଣ୍ଣ ଚନ୍ଦ୍ର ସାହୁ), ପଶ୍ଚିମ : ୧୭୭୨ (ରାମ ସାହୁ ଏବଂ ଅନ୍ୟମାନେ)

ତାରିଖ : ୧୯.୦୨.୨୦୨୬, ସ୍ଥାନ : ଭୁବନେଶ୍ୱର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

